୨୧- ୨୭ ଡିସେମ୍ବର, ୨୦୨୫

ରବିବାର
ସକାଳ THE SAKALA

# ସିନ୍ଦୂର


- ସୌନ୍ଦର୍ଯ୍ୟ ବିମଣ୍ଡିତା ଶୀତ ଋତୁ
- ଶୀତର ସୁନ୍ଦରୀ ଫୁଲ
- ଶୀତର ପର୍ବପର୍ବାଣି
- ଶୀତ ପାଇଁ ଗୀତ
- କବି ଲେଖନୀରେ 'ଶୀତ'




# ଶୀତର ବର୍ଣ୍ଣବିଭା

ଷଡ଼ଋତୁ ମଧ୍ୟରୁ ଶୀତ ଋତୁ ଅନ୍ୟତମ । ଶୀତ ଋତୁରେ ଦିନ ଛୋଟ ଓ ରାତି ବଡ଼ । ଏହି ସମୟରେ ଭାରତର ଜଳବାୟୁ ଥଣ୍ଡା ଓ ଶୀତଳ ରହିଥାଏ । ବିଶେଷ କରି ପୌଷ ଓ ମାଘ ମାସ ସବୁଠାରୁ ଅଧିକ ଥଣ୍ଡା । ତେବେ ଶୀତର ଅନୁଭବ ନିଆରା । ଜୀବନ ଓ ଜଗତ ଏହି ସମୟରେ ହୋଇଉଠେ ବର୍ଣ୍ଣିଳ ଓ ମଧୁମୟ । ପ୍ରକୃତି ଧାରଣ କରେ ଅପୂର୍ବ ରୂପ । ଶୀତୁଆ ସକାଳରେ ସୂର୍ଯ୍ୟଙ୍କ ସୁନେଲି କିରଣ ଘାସ ଉପରେ ପଡ଼ି ଚକ୍ ଚକ୍ କରୁଥାଏ ଶିଶିର ବିନ୍ଦୁ । ବିଭିନ୍ନ ପ୍ରଜାତିର ସୁନ୍ଦର ସୁନ୍ଦର ଫୁଲ ମନୋରମ ପରିବେଶକୁ ଆହୁରି ରଙ୍ଗିନ ଓ ବର୍ଣ୍ଣବିଭା କରିଥାନ୍ତି । ପ୍ରକୃତିର ମନୋରମ ଦୃଶ୍ୟ କବି ଓ ଗୀତିକାରଙ୍କ କଲମ ମୂନରେ ଉତୁରି ଆସିଥାଏ ଜୀବନ୍ତ ଭାବରେ । ଶୀତର ମାର୍ମିକ ଚିତ୍ର ଚିତ୍ରିତ ହୋଇଛି ଅନେକ ଓଡ଼ିଆ କବିଙ୍କ କାବ୍ୟକବିତାର ପଦପଂକ୍ତିରେ । ସେହିପରି ଚଳଚ୍ଚିତ୍ର, ଆଲବମ୍, ଆଧୁନିକ ଗୀତରେ ମଧ୍ୟ ଶୀତର ଚିତ୍ର ବେଶ୍ ମନଛୁଆଁ । ଏହି ସମୟରେ ଓଡ଼ିଆ ଘରେ ପାଳନ କରାଯାଏ ବିଭିନ୍ନ ପର୍ବପର୍ବାଣି । ତେବେ ପ୍ରବଳ ଶୀତଦାଉରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ପ୍ରକାରର ଗରମ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି । ସେଥିପାଇଁ ଏହି ସମୟରେ ଶୀତ ବସ୍ତ୍ରର ବେପାର ବେଶ୍ ଜମିଥାଏ । ତେବେ ଗ୍ରାମାଞ୍ଚଳରେ ଦେଖିବାକୁ ମିଳେ ଭିନ୍ନ ପରିବେଶ । ଏବେ ବି ଶୀତରାତି ଓ ପ୍ରାତଃକାଳରେ ଗାଁ ଲୋକେ ନିଆଁ ଜାଳି ସେକି ହେବାର ମଜା ନିଅନ୍ତି । ଶୀତଦିନେ ପ୍ରବଳ ଥଣ୍ଡା ହେଉଥିବାରୁ ବିଭିନ୍ନ ଶାରୀରିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଶୀତକାଳରେ ପ୍ରକୃତିର ବର୍ଣ୍ଣିଳ ରୂପକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : **ଶୀତର ବର୍ଣ୍ଣବିଭା**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



# କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ଦୀର୍ଘଦିନର ସ୍ୱପ୍ନ ବାସ୍ତବ ରୂପ ନେବ । ନୂତନ ଭୂସଂପତ୍ତିର ଅଧିକାରୀ ହେବେ । ବୁଧ, ଗୁରୁବାରରେ ପଡ଼ୋଶୀମାନଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ପରିବାର ସଦସ୍ୟଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । ଦାମ୍ପତ୍ୟ ଜୀବନରେ ମତଭେଦ ଦେଖାଦେବ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନଅନ୍ତୁ ନାହିଁ । ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ କୌଣସି ଶୁଭ ସମାଚାର ପାଇପାରନ୍ତି । କର୍ମକ୍ଷେତ୍ରରେ କିଛି ନୂତନ ପରିବର୍ତ୍ତନ ଆସିବ । ବୁଧ, ଗୁରୁବାରରେ ନିଜ ବିଚାରଧାରାରେ ପରିବର୍ତ୍ତନ ଆଣିବେ । ଶୁକ୍ର, ଶନିବାରରେ ନିଜ ଉତ୍ତମ ବ୍ୟବହାରରେ ସମସ୍ତଙ୍କ ପ୍ରିୟଭାଜନ ହେବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ହୋଇପାରନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ପାଇଁ କଷ୍ଟ ପାଇପାରନ୍ତି । ବୁଧ, ଗୁରୁବାରରେ ବନ୍ଧୁବାନ୍ଧବଙ୍କ ସହ ଅଧିକ ସମୟ କଟାଇବେ । ଶୁକ୍ର, ଶନିବାରରେ ପରିବାରଠାରୁ ସହଯୋଗ ପାଇବେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ବ୍ୟସ୍ତତା ମଧ୍ୟରେ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ମହିଳାମାନେ ସ୍ୱାବଲମ୍ବୀ ହେବେ । ଉଚ୍ଚଆଶା ପୂରଣ ହେବେ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ବାଦବିବାଦରୁ ଦୂରେଇ ରୁହନ୍ତୁ । ବୁଧ, ଗୁରୁବାରେ ଜୀବନସାଥୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ପରିବାରରେ ଶୁଭକାର୍ଯ୍ୟ ସଂପାଦନ ହୋଇପାରେ । ଶୁକ୍ର, ଶନିବାରରେ କାର୍ଯ୍ୟକ୍ଷେତ୍ରରେ ନିଜ ପ୍ରତିଭାର ପ୍ରଦର୍ଶନ କରିପାରିବେ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ଜୀବନରେ କିଛି କଠିନ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିପାରେ । ବୁଧ, ଗୁରୁବାରରେ ଅଟକି ରହିଥିବା କାର୍ଯ୍ୟ ନିଜ ଲୋକଙ୍କ ସହଯୋଗରେ ପୂର୍ଣ୍ଣ ହେବ । ଶୁକ୍ର, ଶନିବାରରେ ଅଯଥା ଚିନ୍ତା ନ କରି ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

**ବିଛା**
ବିଛା: ରବି, ସୋମ, ମଙ୍ଗଳବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ବୁଧ, ଗୁରୁବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ପଡ଼ୋଶୀଙ୍କ ସହଯୋଗ ମିଳିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି । ପରିବାର ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ ପାଇବେ । କ୍ୟାରିୟର ସମ୍ବନ୍ଧରେ ବିଦେଶ ଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ମହିଳାମାନେ ସ୍ୱାବଲମ୍ବୀ ହେବେ । ଶୁକ୍ର, ଶନିବାରରେ ସାହିତ୍ୟ ଓ କଳା ପ୍ରତି ଆଗ୍ରହ ଦେଖାଇବେ ।

**ମକର**
ରବି, ସୋମ, ମଙ୍ଗଳବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ବୁଧ, ଗୁରୁବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ବ୍ୟବସାୟରେ ହାନି ହୋଇପାରେ । ଶୁକ୍ର, ଶନିବାରରେ ଧାର୍ମିକ ଚିନ୍ତାଧାରାରେ ପରିବାରରେ ଏକତା ବଢ଼ିବ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ସମସ୍ୟାଗୁଡ଼ିକର ସମାଧାନ ରାସ୍ତା ପାଇବେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେଇପାରନ୍ତି । ଶୁକ୍ର, ଶନିବାରରେ ଦରକାରୀ କାଗଜପତ୍ରକୁ ସତର୍କତା ସହ ରଖନ୍ତୁ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ପାରିବାରିକ ସମ୍ପର୍କରେ ଦେଖାଦେଉଥିବା ମନୋମାଳିନ୍ୟ ଭିନ୍ନ ମୋଡ଼ ନେଇପାରେ । ବୁଧ, ଗୁରୁବାରରେ ବ୍ୟବସାୟକୁ ନେଇ ଚିନ୍ତିତ ରହିପାରନ୍ତି । ଦ୍ୱନ୍ଦ୍ୱରେ ପଡ଼ି ନିଷ୍ପତ୍ତି ନେଇ ପାରନ୍ତି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ଭାଗନେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ସୌନ୍ଦର୍ଯ୍ୟ ବିମଣ୍ଡିତା ଶୀତ ଋତୁ

ଶୀତ ସକାଳର କାକର ବିନ୍ଦୁରେ ସୂରୁଜର ପହିଲି କିରଣ ଝଲସି ଉଠେ । ଗେଣ୍ଡୁ, ସେବତୀ, ଗୋଲାପ ଆଦି ଫୁଲର ସୁଗନ୍ଧରେ ଚତୁଃପାର୍ଶ୍ୱ ମହ ମହ ହୋଇ ବାସେ । ଶୀତ ଥର ଥର ଦେହରେ ପୋଖରୀ ତୁଠରୁ ଗାଁ ଦାଣ୍ଡ ଯାଏ, ଗୋଠ ପଦାଠାରୁ ଘର ପାଖ ଖଳା ଯାଏ ଚଦର, କମ୍ବଳ ଘୋଡ଼ା ମୁହଁରେ, ସ୍ୱେଟର, ସାଲ ଘୋଡ଼ା ଦେହରେ ଆଳସ୍ୟତା ଚେହେରା ବାରି ହୋଇପଡ଼େ । କ୍ଷେତରେ ସୁନାର ଧାନ ଫସଲ ଲହରୀ ମାରି ହସୁଥାଏ । କାଶତଣ୍ଡୀ ଫୁଲରେ ରାସ୍ତାର ଦୁଇପାର୍ଶ୍ୱ ଅତୀବ ମନଲୋଭା ଦିଶୁଥାଏ । ପୋଖରୀରେ କଇଁ ଫୁଲ, ପଦ୍ମ ଫୁଲ ଫୁଟି ଚିତ୍ରକର ତୂଳୀରେ ହୃଦୟସ୍ପର୍ଶୀ ଚିତ୍ର ଆଙ୍କିବା ସହିତ କବିର ମନରେ ନୂତନ ଶିହରଣ ସୃଷ୍ଟି କରେ । କୁହୁଡ଼ିଆ ରାସ୍ତାରେ ଚାଲୁ ଚାଲୁ ପିଲାଦିନର ବହୁ ଅଭୁଲା କଥା ମନେ ପଡ଼ିଯାଏ । କାକର ବିନ୍ଦୁରେ ବୁଲିବା ପାଇଁ ମନରେ କେତେ ଉନ୍ମାଦ ଭରିଥାଏ । ସାଙ୍ଗମାନଙ୍କ ମେଳରେ ଚା' ଖଟିରେ ଏକ ଭିନ୍ନ ଆସର ଜମାଇଥାଏ । ଶୀତ ସକାଳରେ ଶୀତର ଲହରୀ ସାଙ୍ଗକୁ ସୂରୁଜ ଆଗମନ ମନ ଓ ହୃଦୟରେ ନୂତନ ଉନ୍ମାଦନା ସୃଷ୍ଟି କରେ ।



ପଣ୍ଡିତ ଦୈତ୍ୟାରି ମହାପାତ୍ର

## ଗାଁରେ ଶୀତ

ଶୀତକାଳୀନ ପଲ୍ଲୀର ଦୃଶ୍ୟ ଅତୀବ ମନୋରମ । ଚାଷୀର ମୁଖରେ ଅଫୁରନ୍ତ ଆନନ୍ଦ । ପିତା, ମାତା, ପୁତ୍ର, କନ୍ୟା, ସମସ୍ତଙ୍କ ମୁଖମଣ୍ଡଳରେ ଅଫୁରନ୍ତ ଆନନ୍ଦ, ଉଲ୍ଲାସ ଭରିଦିଏ । ଏହି ଋତୁରେ ଶୀତର ପ୍ରାବଲ୍ୟ ଭରିଦିଏ ପ୍ରତିଟି ଜୀବସତ୍ତାକୁ । ଶୀତ ଋତୁର କ୍ଷଣଭଙ୍ଗୁର ପ୍ରାବଲ୍ୟକୁ ଯିଏ ଯେମିତି ଭାବରେ ଉପଭୋଗ କରେ ତା'ର ଭବିଷ୍ୟତ ସେମିତି ହୁଏ । ଯିଏ ଶୀତକୁ ଭୟ କରେ, ଶୀତ ମାଉସୀର କୋଳରେ ମୁଣ୍ଡ ଗୁଞ୍ଜିଦିଏ ସେ କର୍ମକୁଢ଼ି ହୋଇଯାଏ । ଶୀତକୁ ସମ୍ମାନ ଦେଇ ଯିଏ ଧର୍ମ ମାର୍ଗରେ ରହି ସମୟକୁ ଗୁରୁତ୍ୱ ଦେଇ କର୍ମ କରେ ତା'ର ଜୀବନ ସୁଖମୟ ଏବଂ ମଧୁମୟ ହୋଇ ଉଠେ । ଏଣୁ କୁହାଯାଇପାରେ -

**ଶୀତକୁ ପିଲେ ଡରିବା ଯଦି,/ ସଂସାରେ ଦୁଃଖୀ ହୋଇବା ଆଜି ।**
**ଶୀତ ତ ଆସଇ ନିମିଷକ ପାଇଁ,/ ଦୁଃଖ ସୁଖ ବାଛି ନିଅରେ ଭାଇ ।**

ଶୀତ ଋତୁ ଆସିଲେ ପ୍ରକୃତିରେ ନୂତନ ପରିବର୍ତ୍ତନ ଦେଖାଯାଏ । ଏହି ପରିବର୍ତ୍ତନକୁ ପଲ୍ଲୀବାସୀ ସ୍ୱାଗତ କରେ । ଶୀତ ପ୍ରଭାବରେ ଶିଶିର ବିନ୍ଦୁଗୁଡ଼ିକ ଭରିଯାଏ ପ୍ରକୃତିର ସବୁଜିମା ବନାନୀରେ । ଶୀତକାଳୀନ ପଲ୍ଲୀର ଦୃଶ୍ୟ ଥାଏ ଅତୀବ ମନୋରମ । ଭଜନ ସଂକୀର୍ତ୍ତନ ଏବଂ ପୂଜା ପାର୍ବଣରେ ଗ୍ରାମ୍ୟ ଜୀବନ ମଧୁମୟ ହୋଇଉଠେ । ଛଅ ଋତୁରେ ପଞ୍ଚମ ସ୍ଥାନରେ ଥାଏ ଶୀତ ଋତୁ ।

## ଶୀତରେ ପଲ୍ଲୀଭୂମି

ଶୀତ ପ୍ରଭାବରେ ପଲ୍ଲୀଭୂମି ଏକାନ୍ତ ଶାନ୍ତ ଏବଂ ଗମ୍ଭୀର ଥାଏ । ଶଯ୍ୟା ତ୍ୟାଗର ମୁହୂର୍ତ୍ତ କିଛିକ୍ଷଣ ବିଳମ୍ବ କରିଦିଏ, ଏଇ କ୍ଷଣଭଙ୍ଗୁର ଶୀତୁଆ ପ୍ରଭାତ । ମାତ୍ର କୃଷକ ଏଇ ହାଡୁଆ ଶୀତକୁ ଖାତିର ନ କରି ପ୍ରଭାତ ନ ହେଉଣୁ ବହାରିଯାଏ କୃଷିକ୍ଷେତ୍ରକୁ । ଅତୀବ ପ୍ରଫୁଲ୍ଲ ମନ ନେଇ ସେ ଶସ୍ୟକ୍ଷେତ୍ରରେ ପାଦ ଥାପେ । ସୂର୍ଯ୍ୟଙ୍କର କଅଁଳ କିରଣକୁ ସେ ମନଭରି ଉପଭୋଗ କରେ କିଛିକ୍ଷଣ । କଅଁଳା ବାଛୁରୀଟି ଗାଁର ଏମୁଣ୍ଡରୁ ସେ ମୁଣ୍ଡକୁ ଡେଇଁ ଡେଇଁ କୁଦା ମାରୁଥିଲା ବେଳେ କଅଁଳ ନିଷ୍ପାପ ମାନବ ଶିଶୁଟି ତା'ର ପାଶ୍ଚାତଧାବନ ଦୌଡୁଥାଏ ଏଇ ଶୀତୁଆ ସକାଳର ପହିଲି କିରଣରେ ।

ପିଲାମାନେ ଗାଁର ଏକ ସ୍ଥାନରେ ନଡ଼ା ସଂଗ୍ରହ କରି ନିଆଁ ଲଗାଇ ତା'ର ଚତୁଃପାର୍ଶ୍ୱରେ ବସି ବିଭିନ୍ନ ପ୍ରକାର ଗୁଲି ଗପରେ ମଜ୍ଜିଯାଇଥାନ୍ତି । ସତେଯେପରି ସେମାନେ ସ୍ୱର୍ଗରେ ବିଚରଣ କଲାପରି ଅନୁଭବ କରୁଥାନ୍ତି । ବାସ୍ତବରେ କେତେ ଆନନ୍ଦ ଏଇ କୁନି କୁନି ପିଲାମାନଙ୍କର । ପ୍ରତ୍ୟେକ ଘରର ପାଠ ପଢୁଆ ପିଲାମାନେ ଦାଣ୍ଡ ପିଣ୍ଡାରେ ବସି ବଡ଼ପାଟିରେ ଡାକୁଥାନ୍ତି ଅ, ଆ, କ, ଖ, ଏ,ବି, ସି, ଡି, ଦୁଇ କେ ଦୁଇ, ଦୁଇ ଦୁଣେ ଚାରି । ଆହୁରି ମଧ୍ୟ ସ୍ୱର ଲମ୍ବାଇ ଗୀତ ଗାଇ କହନ୍ତି -

**ତୁହି ମା' ଜନମ ଭୂମି ପବିତ୍ର ଭାରତ ଭୂମି,**
**ତୋହରି ସନ୍ତାନ ଆମେ ଅଟୁ ସରବେ ।**

କେତେ ମଜା ଲାଗେ ଏଇ ପିଲାମାନଙ୍କର ସକାଳ ପାଠପଢ଼ା । ସତେ ଯେମିତି ପଲ୍ଲୀର ସଭ୍ୟତା ପୂର୍ଣ୍ଣମାତ୍ରାରେ ସାକ୍ଷର । ଶୀତୁଆ ସକାଳରେ ନବ ବଧୂଟି ଥୁରୁଥୁରୁ ହୋଇ ଅର୍ଦ୍ଧ ବସ୍ତ୍ର ପରିହିତା, ଲଜ୍ଜାଶୀଳା, ଅବଗୁଣ୍ଠନବତୀ ପଲ୍ଲୀବଧୂ ସ୍ନାନ ସମାପନ କରି ଦ୍ରୁତ ଗତିରେ ଗୃହାଭିମୁଖୀ ହେଉଥାଏ । ସବୁଜ ଦୂର୍ବାଦଳ ଉପରେ ଶିଶିର ବିନ୍ଦୁ ପଡ଼ିଲେ ଇନ୍ଦ୍ରନୀଳମଣି ବକ୍ଷରେ ମୁକ୍ତାଖଚିତ ହେଲାପରି ପ୍ରତୀୟମାନ ହେଉଥାଏ । ମନ୍ଦିରଗୁଡ଼ିକରେ ପ୍ରଭାତର ମଙ୍ଗଳ ଆଳତି ପଲ୍ଲୀପ୍ରାଣରେ ପବିତ୍ରତା ଆଣେ । ପଲ୍ଲୀର ବହୁ ପ୍ରାଚୀନ ନରନାରୀ, ବୃଦ୍ଧବୃଦ୍ଧା ସ୍ନାନ ପରେ ମନ୍ଦିରରେ ଆରତୀ ପର୍ବରେ ଯୋଗ ଦେଇ ନିଜ ନିଜର ଏବଂ ପରିବାର ସଦସ୍ୟଙ୍କ ସୁଖ ଶାନ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଗାଁଦାଣ୍ଡରେ ଗୋରୁଗାଈମାନେ ଧାଡ଼ି ହୋଇ ବନ୍ଧା ଯାଇଥାନ୍ତି । ବାସ୍ତବରେ ଶୀତର ପ୍ରଭାବରେ ପଲ୍ଲୀଭୂମି ବୈଚିତ୍ର୍ୟ ମଣ୍ଡିତ ହୋଇଥାଏ ।

## ଶୀତକାଳୀନ ମଧ୍ୟାହ୍ନ ଓ ଅପରାହ୍ନ

ଶୀତୁଆ ମଧ୍ୟାହ୍ନ ସୂର୍ଯ୍ୟଙ୍କ କିରଣ ପ୍ରଚଣ୍ଡ ହୋଇଥିଲେ ମଧ୍ୟ ଏହି ସମୟରେ ଉତ୍ତାପ ଅନୁଭୂତ ହୁଏ ନାହିଁ । ଚାଷୀକୁଳ ଫସଲ ଅମଳରେ ବ୍ୟସ୍ତ ଥାଆନ୍ତି । ସେ ଶ୍ରମଜନିତ କ୍ଲେଶ ଉପଲବ୍ଧି କରିପାରେ ନାହିଁ । ତେଲ ଲୁଣର ସଂସାର । ଘରେ ଯାହା ଥିବ ତାହାକୁ ଖାଇ ବିଶ୍ରାମ ନ କରି ପୁଣି ସେ ବିଲକୁ ଚାଲିଯାଏ । ନାନା ଭାବ ଭଙ୍ଗୀରେ ଚାଷୀ ବିଲରେ ଗୀତ ଗାଇ ଚାଲିଥାଏ ଏବଂ ଘର ପାଖ ଖଳାକୁ ଫସଲ ବୋହିଆଣେ । ଏଣେ ଧାନଖିଆ ଚଢ଼େଇ ବିଲରେ ରୁଣ୍ଡ ହୋଇ ଧାନ ଖାଇବାରେ ବ୍ୟସ୍ତ ଥାଆନ୍ତି । କିଛି ଲୋକ ପିଲା ଛୁଆଙ୍କୁ ଧରି ବିଲରୁ ଧାନ ଶିଶା ଖୁଣ୍ଟିବାରେ ଲାଗିପଡ଼ିଥାନ୍ତି । ଚାଷୀ ଖଳାରୁ ଧାନ ଅମଳ କରି ଭକ୍ତିର ସହିତ ଅମାରରେ ଢାଳେ । ସ୍କୁଲ ପିଲାମାନେ ଅପରାହ୍ଣରେ ଘରକୁ ଫେରିଥାନ୍ତି । ଗୋଧୂଳି ଲଗ୍ନରେ ଗୋରୁଗାଈ ପଲ ଲମ୍ବା ଧାଡ଼ି ହୋଇ ଘରକୁ ଫେରିଥାନ୍ତି । ପକ୍ଷୀମାନେ ନିଜ ନିଜ ବସାକୁ ଲେଉଟିଥାନ୍ତି ।







## ପର୍ବ ପର୍ବାଣି

ପୌଷ ଏବଂ ମାଘ ମାସକୁ ନେଇ ଶୀତ ଋତୁ । ବିଧି ବିଧାନର ସହିତ ପରମ୍ପରା ଅନୁଯାୟୀ ପୌଷ ମାସରେ ପାଳିତ ହେଉଥିବା ପର୍ବପର୍ବାଣିଗୁଡ଼ିକ ମଧ୍ୟରୁ ବକୁଳ ଅମାବାସ୍ୟା, ଶାମ୍ବ ଦଶମୀ, ଦେବାଭିଷେକ ପୂର୍ଣ୍ଣିମା,



ପୋଙ୍ଗଲ ପର୍ବ, ଧନୁ ସଂକ୍ରାନ୍ତି, ପ୍ରଥମାଷ୍ଟମୀ, ଦୀପାବଳି, ମାଣବସା ଗୁରୁବାର ଆଦି ଅନ୍ୟତମ । ମାଘ ମାସରେ ପାଳିତ ହେଉଥିବା ପର୍ବପର୍ବାଣିଗୁଡ଼ିକ ମଧ୍ୟରୁ ବରଦା ଗଣେଶ ପୂଜା, ମାଘ ସପ୍ତମୀ, ବିଦ୍ୟାଦାତ୍ରୀ ମାଆ ସରସ୍ୱତୀ ପୂଜା, ଅଗ୍ନୀ ଉତ୍ସବ, ବଡ଼ଓଷା, ପଣ୍ଡୁ ଓଷା, ଅଁଳା ନବମୀ ଆଦି ଅନ୍ୟତମ ।

## ଶୀତକାଳୀନ ପଲ୍ଲୀର ରଜନୀ

ଶୀତକାଳୀନ ରଜନୀ ପ୍ରକୃତିରେ ଭରିଦିଏ ନିଶବ୍ଦତା । ଚାରିଆଡ଼େ ଜନଶୂନ୍ୟ, ନୀରବ, ନିଶ୍ଚଳ । ମାତ୍ର ଗାଁ କୁକୁର ଭୋ ଭୋ ହୋଇ ପଲ୍ଲୀ ନିଶବ୍ଦତାକୁ କିଛି ପରିମାଣରେ ଦୂର କରିଥାନ୍ତି । କେହି କେହି ବୃଦ୍ଧବୃଦ୍ଧା ଘରର ଗୋଟିଏ କୋଣରେ ବସି ଭଜନ, ସଂକୀର୍ତ୍ତନ, ରାମାୟଣ, ଚଉତିଶା, ପୁରାଣ, ଭାଗବତ, ଗୀତା ଆଦି ଗାନ କରୁଥିବାର କର୍ଣ୍ଣଗୋଚର ହୋଇଥାଏ । ଶୀତକାଳୀନ ରଜନୀ ବାସ୍ତବରେ ଭଗବତ ବନ୍ଦନାର ଅପସରା ନାୟିକା ଗୁରୁଗମ୍ଭୀର ମୂର୍ଚ୍ଛନା ।





## ଶୀତ ଋତୁର ଫୁଲ ଫଳ

ପୌଷ-ମାଘ ମାସରେ ଶୀତ ଋତୁ ପ୍ରତୀୟମାନ ହୋଇଥାଏ । ଏହି ଦୁଇ ମାସରେ ଗେଣ୍ଡୁ, ସୋରିଷ, ତରାଟ, ମଣ୍ଡା, କୁସୁମ, କଳି କୁସୁମ, ପଦ୍ମ ଫୁଲ ଆଦି ବିଭିନ୍ନ ଫୁଲ ଫୁଟିଥାଏ । ସେହିପରି ଏହି ଋତୁରେ ବିଭିନ୍ନ ପ୍ରକାରର ପନିପରିବା ମଧ୍ୟ ଫଳିଥାଏ । ଆଳୁ, ବାଇଗଣ, ବିଲାତି, ମୁଗ, ବିରି, କୋଳଥ, ସୋରିଷ, ମୂଳା, ଫୁଲକୋବି, ବନ୍ଧାକୋବି, ଉଲ୍ କୋବି, ବିଲାତି ବାଇଗଣ, ମଟର ଛୁଇଁ, ପିଆଜ, ରସୁଣ, ଶିମ୍ବ, ଇତ୍ୟାଦି ବହୁ ପ୍ରକାରର ପନିପରିବା ଏହି ଋତୁରେ ଉତ୍ପାଦିତ ହୋଇଥାଏ । ଏତତ୍ ଭିନ୍ନ ଏହି ଋତୁରେ କମଳା, ସେଓ, ଅଙ୍ଗୁର, ବେଦନା, ନାସପାତି ଆଦି ବିଭିନ୍ନ ପ୍ରକାରର ଫଳ ପ୍ରଚୁର ପରିମାଣରେ ମିଳିଥାଏ ।





## ଖଳା ଅନୁକୂଳ ପର୍ବ

ଶୀତ ଋତୁରେ ପୁରପଲ୍ଲୀରେ ଖଳା ଅନୁକୂଳ ପର୍ବ କୃଷକମାନଙ୍କର ଏକ ମହାନ ପବିତ୍ର ପର୍ବ । ଘରର ଦାଣ୍ଡ ବା ବାଡ଼ି ପଟେ ଖଳା ତିଆରି ହୁଏ । ଖଳାରେ ପଥର ଓ ବାଉଁଶରେ ଭାଡ଼ି କରାଯାଏ । ଖଳାକୁ ମାଟି ଓ ଗୋବରରେ ଚିକ୍କଣ କରି ଲିପାଯାଏ । ଖଳା ମଝିରେ ମେରି ଖୁଣ୍ଟ ପୋତାଯାଏ । ଚାଉଳ ବଟାରେ ଖଳା ସାରା ଧାନକେଣ୍ଡା, ଧାନ ହଳା ଓ ଲକ୍ଷ୍ମୀ ପାଦ ପଦ୍ମର ଚିତ୍ର କରାଯାଏ । ଯେଉଁଦିନ ପ୍ରଥମ କରି ଚାଷୀ ହଳା ବା ଶସ୍ୟ ବିଲରୁ ଖଳାକୁ ଆଣି ସଜାଇ ରଖେ ସେ ଦିନ ତା'ର ପତ୍ନୀ ଖଳାରେ ଉଖୁଡ଼ା କଦଳୀ ଭୋଗ ଲଗାଏ । ଘିଅ ଦୀପ ଜାଳି ଆରତୀ କରେ । ମା' ଲକ୍ଷ୍ମୀ ଖଳା ମଣ୍ଡନ କରନ୍ତି ବୋଲି ବିଶ୍ୱାସ କରାଯାଏ ।



## କ୍ଷେତ ବଢ଼ା ପର୍ବ

ପବିତ୍ର ଶୀତ ଋତୁରେ ଯେଉଁଦିନ ଧାନକଟା ସରେ ସେଦିନ ବିଲରେ ଏହି ପର୍ବ ପାଳିତ ହୋଇଥାଏ । ଗୁଡ଼ିଆ ଘରୁ ମୁଢ଼ି, ଉଖୁଡ଼ା, ଚୁଡ଼ା ପୁଆ ଓ ଖୁରୁମା ଆସେ । ଧାନ କାଟୁଥିବା ସମସ୍ତେ ଏକାଠି ମିଶି ଦିଆଯାଇଥିବା ଭୋଗ ଖାନ୍ତି । ବିଲକୁ ଘିଅ ଦୀପ ଜାଳି ଆରତୀ ହୁଏ । ବର୍ଷସାରା ପାଇଁ ଖାଦ୍ୟ ଯୋଗାଇଥିବା ବିଲ ମାଟିକୁ କୃଷକ ତା'ର କୃତଜ୍ଞତା ଜଣାଏ । ତାକୁ ବିଶ୍ରାମ ଦେଇ ନିଜ ଘରକୁ ଯାଏ । ଘରେ ସେଦିନ ରାତିରେ ଚୁଡ଼ା ଘଷା, ଖିରି, ଡାଲମା ରନ୍ଧାଯାଏ । ଖଳାରେ ପୂଜା କରି ସମସ୍ତେ ଏକାଠି ମିଶି ଭୋଜନ କରନ୍ତି ।

## ଓଡ଼ିଆ ଘରର 'ଶୀତ ଋତୁ'

ଓଡ଼ିଆ ଘରର ଶୀତ ଋତୁ ଥାଏ ଅତ୍ୟନ୍ତ ଆନନ୍ଦଦାୟକ । ଶୀତ ଋତୁ ହେଉଛି ଧାନ ଅମଳର ସମୟ । ଘରେ ଘରେ ବିଭିନ୍ନ ପ୍ରକାର ସୁଆଦିଆ ପିଠାପଣା ହୋଇଥାଏ । ଏହି ଋତୁର ପର୍ବପର୍ବାଣି ପଲ୍ଲୀ ଜୀବନକୁ ଜୀବନ୍ତ ଏବଂ ଉତ୍ସବମୁଖର କରିଦିଏ । ଗାଁ ଗାଁରେ ବଣଭୋଜି ହୋଇଥାଏ । ବିଭିନ୍ନ ତୀର୍ଥ କ୍ଷେତ୍ର ଭ୍ରମଣ କରିବା ପାଇଁ ଶୀତ ଋତୁଟିକୁ ସମସ୍ତେ ଯେମିତି ଅପେକ୍ଷା କରିଥାନ୍ତି । ଶୀତ ଋତୁ ଓଡ଼ିଶାର ଜନଜୀବନକୁ ମଧୁମୟ କରିଥାଏ ।

ଚତୁର୍ମାସ୍ୟାର ଠିକ୍ ପରେ ପରେ କୁମାର ପୂର୍ଣ୍ଣମୀର ଭୋଗଡାଲା ଆଉ ଜହ୍ନିଫୁଲର ହାଟ ସହ ଶୀତ ଋତୁ ତୁଳସୀ ଚଉରା ନିକଟରେ କୁଆଁରୀମାନଙ୍କର ଖିଲି ଖିଲି ହସ ସହିତ ନିଜର ପ୍ରଥମ ପାଦ ପକାଏ । ପୂର୍ଣ୍ଣମୀ ପରଦିନ ପଲ୍ଲୀବଧୂ ତା'ର ପ୍ରଭାତ ସ୍ନାନ ସମୟରେ ଶୀତର ପହିଲି ପରସ ପାଇ ପୁଲକିତ ହୋଇ ଉଠେ । ଶୀତର ଆଗମନରେ ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଆନନ୍ଦ ଉତ୍ସବ ତଥା ମଉଜ ମଜଲିସର ବାତାବରଣ ଖେଳିଯାଏ । କାର୍ତ୍ତିକ ମାସରେ ପଲ୍ଲୀବଧୂ ପ୍ରତ୍ୟୁଷରୁ ସ୍ନାନ ସାରି ତୁଳସୀ ଗଛରେ ପାଣି ଢାଳେ । ଚଉରାକୁ ମାଟି ଗୋବରରେ ଲିପି ମୁରୁଜରେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କି



ନିଜ ଅଗଣାକୁ ସଜାଇ ଦିଏ । କାର୍ତ୍ତିକ ବ୍ରତ ପାଳନ କରୁଥିବା ମାସ ସାରା ଲୋକମାନେ ନିରାମିଷ ଓ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥାନ୍ତି । ଏହି ସମୟରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ହୋଇଥିବାରୁ ଦିନ ଛୋଟ ଓ ରାତି ବଡ଼ ହୋଇଥାଏ । କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ଶିବ ଉପାସନା ବ୍ରତ ପାଳନ କରାଯାଏ । ଅମାବାସ୍ୟାର ଚାରିଦିନ ପରେ ପଡ଼େ ନାଗ ଚତୁର୍ଥୀ । ଏହି ଦିନ ନାଗ ରାଜାଙ୍କୁ ପୂଜାର୍ଚ୍ଚନା କରାଯାଏ । ଅଷ୍ଟମୀ ତିଥିରେ ଗୋଷ୍ଠାଷ୍ଟମୀ ଦିନ ଗାଈ ଗୋଠରେ ପୂଜା ହୁଏ । ତା' ପରଦିନ ପଡ଼େ ଅଁଳାନବମୀ ।

ଋତୁ ମଧ୍ୟରେ ଶ୍ରେଷ୍ଠ ଶୀତ ଋତୁ ଏବଂ ମାସ ମଧ୍ୟରେ ଶ୍ରେଷ୍ଠ ମାର୍ଗଶୀର । ମାସର ପ୍ରଥମ ପ୍ରଭାତ କମ୍ପି ଉଠେ ପଲ୍ଲୀ ବାଳିକାମାନଙ୍କର ସୁମଧୁର ମିଳିତ କଣ୍ଠସ୍ୱର । ବଜ୍ରମୁଳି ଡାଳରେ ଝାଡୁ ଧରି ସବୁ ଝିଅ ଏକାଠି ମିଶି ଦୁଇ ଧାଡ଼ିରେ ଠିଆ ହୋଇ ଏକ ସ୍ୱରରେ ଗୀତ ଗାଇ ଗାଇ ଚାଲନ୍ତି ।

**"ଦାଣ୍ଡ ଓଳାଇଲି ଚଉରା ଲିପିଲି/ କୁକୁମକୁ ଦେଲି ଜାଇ ଧରମ ଦେବତା କଲ୍ୟାଣ କରନ୍ତୁ/ ବଞ୍ଚି ରହୁ ବାପ ଭାଇ ।"**



## ଧନୁ ସଂକ୍ରାନ୍ତି ଓ ବଉଳ ଅମାବାସ୍ୟା

ଶୀତ ଋତୁର ଆଉ ଏକ ପର୍ବ ହେଉଛି ଧନୁ ସଂକ୍ରାନ୍ତି । ଏହି ଦିନଠାରୁ ପୁଷମାସ ଆରମ୍ଭ ହୁଏ । ଦିନ ଛୋଟ ଓ ରାତି ବଡ଼ ହୁଏ । ଧନୁ ସଂକ୍ରାନ୍ତିରେ ଭୋଗ ହୁଏ ଲିଆ ତିଆରି ମୁଆଁ । ତା' ପରଦିନଠାରୁ ସବୁରି ଘରେ ମୁଆଁ ତିଆରି ହୁଏ । ମୁଢ଼ି ଓ ଲିଆ ଉଭୟରେ ତିଆରି ମୁଆଁ ଭାରି ସୁଆଦିଆ ।

ସେହିପରି ପୁଷ ମାସର ଅମାବାସ୍ୟାର ନାମ ବଉଳ ଅମାବାସ୍ୟା । ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ଜୀବନ ଧାରାରେ କୃତଜ୍ଞତା ପ୍ରଦର୍ଶନ ଏକ ବିଶିଷ୍ଟ କ୍ରିୟା । ଏହି ପର୍ବରେ ଆମ୍ବ ଗଛକୁ ପୂଜା କରାଯାଏ । ଗଛ ନିକଟରେ ଧୂଆଁ ଦେଲେ ବଉଳ କୁହୁଡ଼ି ଓ କୀଟ ଆକ୍ରମଣରୁ ସୁସ୍ଥ ରହିପାରେ । ସେଥିପାଇଁ ଅମାବାସ୍ୟା ଦିନ ଆମ୍ବ ଗଛକୁ ମଣ୍ଡା ପିଠା ଭୋଗ ଲଗାଇ ଗଛ ମାଲିକକୁ ମନେ ପକାଇ ଦିଆଯାଏ ।



ସେହିପରି ଶାମ୍ବ ଦଶମୀ ପୁଷ ମାସର ଅନ୍ୟତମ ପର୍ବ । ଏହି ପର୍ବରେ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ପୂଜା କରାଯାଏ । ପ୍ରତ୍ୟୁଷରୁ ଚଉରା ପାଖ ଲିପାପୋଛା ହୋଇ ମୁରୁଜ ପକାଯାଏ । ପିଢ଼ା ଉପରେ ଗୁଆ ଓ ଫୁଲ ରଖାଯାଏ । କଳସ ବସା ଯାଏ । ସକାଳୁ ପୋଡ଼ ପିଠା, ଆରିସା, କାକରା, ମୁଆଁ, ମକର ଚାଉଳ ଆଦି ଭୋଗ କରାଯାଏ । ଦ୍ୱିପ୍ରହର ସମୟରେ ଖେଚୁଡ଼ି, ଡାଲମା, ଶାଗ, ଶିମ୍ବରାଇ, ଖଟା ଓ ଖିରି ଭୋଗ କରାଯାଏ । ସନ୍ଧ୍ୟାରେ ଚକୁଳି ପିଠା ବଜ୍ର ବାଟୁଲି ଓ କଦଳୀ ଭୋଗ କରାଯାଏ । ସୂର୍ଯ୍ୟଙ୍କୁ ଆରତୀ କରି ମା'ମାନେ ସନ୍ତାନର ଦୀର୍ଘ, ନିରୋଗ ଓ ସଫଳ ଜୀବନର କାମନା କରନ୍ତି । ପୁଷମାସର ପ୍ରତ୍ୟେକ ରବିବାର ଦିନ ସୂର୍ଯ୍ୟପୂଜା କରାଯାଏ ।








## କବି କଳମରେ ଶୀତ

ଉତ୍ତର ଦିଗରୁ ଶୀତୁଆ ପବନ ପ୍ରବାହିତ ହୋଇ ମଜ୍ଜା ଥରାଇଦିଏ । ଏହି ସମୟରେ ଖରାରେ ଏବଂ ନିଆଁ ପାଖରେ ବସିବାକୁ ଲୋକମାନେ ଭଲ ପାଆନ୍ତି । ଚାଷୀର ଶସ୍ୟଶ୍ୟାମଳା କ୍ଷେତରେ ସୁନାର ଫସଲ ଖେଳେ । କି ସୁଖ ଲାଗେ ଗରମ ଶେଜର ଆତୁଆଳ, ସିନ୍ଦୂରା ଫାଟିବାର ଶୀତୁଆ ସକାଳର ଦୃଶ୍ୟ । ବାସ୍ତବରେ, ଏଠି ଶୀତ ଗାଏ ମନଛୁଆଁ ଗୀତ, ମନରେ ଭରିଦିଏ ଅସୁମାରୀ ସ୍ୱପ୍ନ, ଦେହରେ ଉଙ୍କିମାରେ ଶୀତର ଉଷ୍ମତା, ଶୋଭାରେ ବିମଣ୍ଡିତା ପ୍ରକୃତିରାଣୀ । ସେହିପରି ଶୀତକୁ ନେଇ ଆମ ଓଡ଼ିଶାରେ ଅନେକ ପ୍ରାଚୀନ କବି କବୟିତ୍ରୀ ଲେଖିଛନ୍ତି ଅନେକ କବିତା । ଭକ୍ତକବି ଦୀନକୃଷ୍ଣ ଦାସ 'ହିମକାଳ' କବିତାରେ ଶୀତ ଋତୁର ବର୍ଣ୍ଣନା କରିଛନ୍ତି । ସେହିପରି ଭକ୍ତକବି ମଧୁସୂଦନ ରାଓ, ପଲ୍ଲୀକବି ନନ୍ଦକିଶୋର ବଳ, ସ୍ୱଭାବକବି ଗଙ୍ଗାଧର ମେହେର, କବି ବୈକୁଣ୍ଠନାଥ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ସାହିତ୍ୟର ଅନେକ କବିଙ୍କ କାବ୍ୟ କବିତାରେ ଶୀତର ବର୍ଣ୍ଣନା ରହିଛି ।

## ଶିଶୁଙ୍କ ଜୀବନଚର୍ଯ୍ୟା

ପ୍ରତ୍ୟେକ ଋତୁରେ ଭିନ୍ନ ଭିନ୍ନ ନିଜସ୍ୱ ଗୁଣ ରହିଛି । ବିଭିନ୍ନ ଋତୁର ନାନାଦି ରୋଗ ଶିଶୁଙ୍କ ଦେହରେ ବାରି ହୋଇଥାଏ । ଋତୁ ଅନୁସାରେ ଶିଶୁର ଉପଯୁକ୍ତ ଯତ୍ନ ନେଲେ ସେମାନଙ୍କ ହେହରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥାଏ । ଫଳରେ ଶିଶୁମାନେ ସୁସ୍ଥ ଓ ନିରୋଗ ରହିଥାନ୍ତି । ମାତ୍ର ଶୀତଦିନେ ଶିଶୁର ସ୍ୱତନ୍ତ୍ର ଯତ୍ନ ନେବାକୁ ପଡ଼ିଥାଏ । ଏହି ଋତୁରେ ଶିଶୁ ଦେହରେ ବିଭିନ୍ନ ପ୍ରକାରର ରୋଗ ଦେଖାଦେଇଥାଏ । ସେଥିମଧ୍ୟରୁ ଚର୍ମରୋଗ, ଶ୍ୱାସରୋଗ, ତରଳଝାଡ଼ା, ଗଣ୍ଠିବ୍ୟଥା, ମାନସିକ ଅବସାଦ ଆଦି ରୋଗ ଅନ୍ୟତମ । ତେଣୁ ଶୀତ ଋତୁରେ ସର୍ବଦା ଶରୀର ପ୍ରତି ଯତ୍ନ ନେବା ସହିତ ସତର୍କ ରହିବା ଉଚିତ ।





## ପ୍ରାଣରେ ନବ ଚେତନାର ସୃଷ୍ଟି

ଶୀତ ଋତୁରେ ଚାଷୀର ଆନନ୍ଦ କହିଲେ ନ ସରେ । ଶୀତ ଋତୁରେ ଧାନ ଏବଂ ଅତ୍ୟଧିକ ପନିପରିବା ଉତ୍ପନ୍ନ ହେଉଥିବାରୁ କୌଣସି ଜିନିଷର ଅଭାବ ନଥାଏ । ତେଣୁ ଶୀତ ଋତୁରେ ଲୋକମାନେ ଅତ୍ୟଧିକ ସୁଖ ଶାନ୍ତିରେ ଜୀବନ ବିତାଇଥାନ୍ତି । ଅଗ୍ନି ଉତ୍ସବଠାରୁ ଶୀତର ପ୍ରକୋପ ଧୀରେ ଧୀରେ ହ୍ରାସ ପାଇଥାଏ । ଶୀତରେ କେତେକ ବୃଦ୍ଧ ବୃଦ୍ଧା ହାଡ଼ଭଙ୍ଗା ଶୀତ ସହି ନପାରି କଷ୍ଟ ପାଇଥାନ୍ତି । ଶୀତ ସକାଳରେ ପ୍ରିୟା ତାର ପ୍ରିୟ ପାଇଁ ଗାଇ ଉଠେ, "ଶୀତର ପହିଲି କିରଣ, ଓଠକୁ ଯେବେ ଚୁମେ, ମନେପଡ ତୁମେ ।" ଏହି ଋତୁ କେତେ କେତେ ଅଭଙ୍ଗା ମନକୁ ଯୋଡ଼ି ଦେଇପାରେ ତ ପୁଣି କେତେ କେତେ ଭଙ୍ଗା ଘରକୁ ଯୋଡ଼ି ଦେଇପାରେ । ଶୀତ ଋତୁ ଆଗମନରେ ଆବାଳବୃଦ୍ଧବନିତାଙ୍କ ମୁଖମଣ୍ଡଳରେ ଭରିଦିଏ ବିପୁଳ ପୂର୍ଣ୍ଣତା ଓ ଆନନ୍ଦର ପ୍ରତିଛବି । ବାସ୍ତବରେ ଶୀତ ଋତୁ ଭରିଦିଏ ପୂର୍ଣ୍ଣିମାର ନବଦିଗନ୍ତ ଉଲ୍ଲାସ, ଉଦ୍ଦୀପନା ଏବଂ ଅଜାଡ଼ି ଦିଏ ସକଳପଲ୍ଲୀ ପ୍ରାଣରେ ନବ ଚେତନା ଏବଂ ଭବିଷ୍ୟ ବାରିଧିର ରିମ୍ ଝିମ୍ ଆଲୋକ । ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା
ମୋ: ୮୭୬୩୫୪୮୨୦୨, ୬୩୭୨୭୫୨୬୬୨



# ଶୀତର ସୁନ୍ଦରୀ ଫୁଲ



ଶ୍ୱେତା ରାଉତ

ଈଶ୍ୱରଙ୍କ ସୃଷ୍ଟିରେ ବନସ୍ପତି ଜଗତର ଏକ ମନମୁଗ୍ଧକର, ମହକଯୁକ୍ତ, ଶାନ୍ତି ପ୍ରଦାନକାରୀ ଦୁର୍ଲଭ ସର୍ଜନା ହେଉଛି ପୁଷ୍ପ ବା ଫୁଲ । ବିଭିନ୍ନ ରଙ୍ଗ, ମହକ, ରୂପ, ମାଧୁର୍ଯ୍ୟ, ଉପଯୋଗ ଏବଂ ଦିବ୍ୟତା ନେଇ ବୋଧହୁଏ ଫୁଲ ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିକୁ ମନୋରମ କରିପାରିଛି। ପ୍ରତ୍ୟେକ ଦେଶର ଧର୍ମ ଓ ଆରାଧନା ସହିତ ଫୁଲମାନେ ଜଡ଼ିତ। ପୃଥିବୀ ସାରା ଲୋକଙ୍କୁ ଫୁଲ ପ୍ରେମ ଓ ସ୍ମରଣର ପ୍ରତୀକ ଭାବେ ଜଣା। ଅଗସ୍ତ୍ୟ ମୁନିଙ୍କ ଅନୁସାରେ ୩୮ ହଜାର କୋଟି ଫୁଲ ଈଶ୍ୱରଙ୍କ ସର୍ଜନାକୁ ଚମତ୍କୃତ କରିଛି ଏବଂ ପ୍ରତ୍ୟେକ ଫୁଲ ନିଜ ନିଜର ବିଶେଷତା ପାଇଁ ଭିନ୍ନ ହେଲେ ମଧ୍ୟ ନର, ଦେବ, ଦାନବ ସମସ୍ତଙ୍କ ପ୍ରିୟଭାଜ୍ୟ ହୋଇପାରିଛନ୍ତି। ଆକାଶକୁ ତାରାମାନେ ସଜାଇବା ଭଳି ରଙ୍ଗବେରଙ୍ଗର ଫୁଲଗୁଡ଼ିକ ଗହଣା ପରି ପ୍ରକୃତିର ଶୃଙ୍ଗାର କରିଥାନ୍ତି। ଫୁଲ ଆତିଥ୍ୟର ଅଭିବାଦନଠୁ ବିଦାୟୀ ଶ୍ରଦ୍ଧାଞ୍ଜଳି ଦେବା ପର୍ଯ୍ୟନ୍ତ ଜୀବନର ପ୍ରତିଟି କ୍ଷଣରେ ଗୁରୁତ୍ୱ ବହନ କରିଥାଏ। ଫୁଲ ମାଧ୍ୟମରେ ଆମେ ଶ୍ରଦ୍ଧା, କୃତଜ୍ଞତା, ସମର୍ପଣ, ଅଭିବାଦନ, ଉତ୍ସାହ, ପ୍ରେରଣା ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନାର ଭାବ ପ୍ରକଟ କରିଥାଉ। ଏହି ଫୁଲମାନଙ୍କ ଭିତରେ ଅନେକ ସୁନ୍ଦର ଫୁଲ ଅଛନ୍ତି, ଯିଏ କି ଶରତର ଶୀତୁଆ ସକାଳକୁ ମନୋରମ କରି ଦେଖଣାହାରୀଙ୍କୁ ଏକ କୋମଳ, ଶାନ୍ତ, ସୌମ୍ୟ ଅନୁଭବ ଦିଅନ୍ତି।

## ସେବତୀ



ଚମତ୍କୃତ କଲାଭଳି ନାଲି, ନୀଳ, ଗୋଲାପି, ଧଳା, ହଳଦିଆ, ବାଇଗଣୀ ଆଦି ବିଭିନ୍ନ ପ୍ରକାର ସୁନ୍ଦର ରଙ୍ଗରେ ଆକୃଷ୍ଟ କରିଥାଏ ସେବତୀ ଫୁଲ। ଏହା ଏକ ଅଳଙ୍କରଣ ଉଦ୍ଭିଦ, ଯାହା ବାଲକୋନୀ, ବଗିଚାଠାରୁ ଆରମ୍ଭ କରି କ୍ଷେତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏକ ଆକର୍ଷକ ଫୁଲ। ସେବତୀ ଅନେକ ପ୍ରଜାତିର। ଯଦିଓ ବାରମାସୀ, କିନ୍ତୁ ସେବତୀ, ଶରତରେ ହିଁ ଅଧିକ ଫୁଲ ଫୁଟାଇଥାଏ। ସେଥିପାଇଁ ତାକୁ 'ଶରତ ରାଣୀ' କୁହାଯାଏ । ପୂର୍ବ ଏସିଆର ବିଭିନ୍ନ କଳା ଭାସ୍କର୍ଯ୍ୟରେ ସେବତୀକୁ ଦେଖିବାକୁ ମିଳେ। ସେବତୀକୁ ପ୍ରେମ, ନିଷ୍ଠା, ଖୁସି, ଦୀର୍ଘାୟୁ ଏବଂ ଆନନ୍ଦରେ ପ୍ରତୀକ ଭାବେ ବିବେଚନା କରାଯାଏ। ସେବତୀକୁ କୁହାଯାଏ 'କ୍ରାଇସେନ୍‌ମସ୍'। ଏହି ଶବ୍ଦଟିର ମଧ୍ୟ ଏକ ମହତ୍ତ୍ୱ ରହିଛି,ଏହି ଶବ୍ଦଟି ପ୍ରାଚୀନ ଗ୍ରୀକ୍ ଶବ୍ଦ 'କ୍ରାଇସସ୍' (ସ୍ୱର୍ଣ୍ଣ) ଏବଂ 'ଏନ୍ଥ୍ରୋମସ୍' (ଫୁଲ)ରୁ ଆସିଛି, ଯାହାର ଅର୍ଥ 'ସ୍ୱର୍ଣ୍ଣଫୁଲ'। ସେବତୀ ବଡ଼ ଫୁଲ ଓ ଛୋଟ ଫୁଲ ଦୁଇ ପ୍ରକାରର ଦେଖିବାକୁ ମିଳେ। ଚୀନର ଜଣେ ଦାର୍ଶନିକ କହିଥିଲେ ଯଦି ଆପଣ ଜୀବନ ଭରି ଖୁସି ରହିବାକୁ ଚାହାଁନ୍ତି, ତେବେ ସେବତୀ ଫୁଲର ଗଛ ଲଗାନ୍ତୁ। ବାସ୍ତବରେ ସେବତୀ ଆନନ୍ଦ ଦେଉଥିବା ଓ ଖୁସି ଭରି ଦେଉଥିବା ଫୁଲଟିଏ। ବିଶ୍ୱର ଯେକୌଣସି ପ୍ରାନ୍ତରେ ସେବତୀ ଦେଖିବାକୁ ମିଳେ। ଶରତର କଠୋର ଜାଡ଼କୁ ଫୁତ୍କାର୍ କରି ଯିଏ ଆକର୍ଷଣର ଉଷ୍ମତା ଭିତରେ ଆନନ୍ଦ ବିତରି ଦିଏ ସେ ହେଉଛି ସେବତୀ। ଗଛ ଭର୍ତ୍ତି ହୋଇ ଏମିତି ଫୁଟେ, ଲାଗେ ଯେମିତି ଦିବ୍ୟତାରେ ଭରା ଫୁଲ ତୋଡ଼ାଟିଏ ସତେକି ଈଶ୍ୱରଙ୍କ ଅଭିବାଦନ ପାଇଁ ଅପେକ୍ଷାରେ ଅଛି।

## ଗେଣ୍ଡୁ

ଧରଣୀକୁ ନାନା ରଙ୍ଗରେ ବିମଣ୍ଡିତ କରୁଥିବା ଫୁଲମାନଙ୍କ ମଧ୍ୟରୁ ଗେଣ୍ଡୁ ଫୁଲ ଅନ୍ୟତମ। ଯିଏ ଦେବ,ଦାନବ, ନର, କିନ୍ନର, ଶିବ-ଶବ, ଜନ୍ମ- ମୃତ୍ୟୁ, ଆବାହନ, ବିସର୍ଜନ ସବୁ ସମୟରେ ଉପଯୋଗ ହୋଇଥାଏ। ସୁନେଲି, ନାରଙ୍ଗୀ, ହଳଦିଆ, ଲାଲ ରଙ୍ଗ ବହନ କରି ପ୍ରକୃତିକୁ ଆଭୂଷଣ ଭଳି ସଜାଇଥାଏ। ସତେ ଯେମିତି ଗେଣ୍ଡୁ ନୁହେଁ ତ ପ୍ରକୃତି ସ୍ୱର୍ଣ୍ଣାଭୂଷଣମୟ ବେଶରେ ସ୍ୱଚ୍ଛ ଶାଢ଼ି ପିନ୍ଧି ସମସ୍ତଙ୍କୁ ବିମୋହିତ କରୁଥାଏ। ଗେଣ୍ଡୁର ମୃଦୁ ମୃଦୁ ସୁଗନ୍ଧ ମନ୍ତ୍ରମୁଗ୍ଧ କରେ। ଗେରୁଆ ରଙ୍ଗ ପରିଧାନ କରି ଗେଣ୍ଡୁ ସତେ ଯେମିତି ସକାଳର ପ୍ରାର୍ଥନା ବାଢୁଥାଏ ପ୍ରକୃତିର ସ୍ୱଚ୍ଛ ପ୍ରାଙ୍ଗଣରେ। ଭାରତ ଏବଂ ଥାଇଲାଣ୍ଡରେ ଗେଣ୍ଡୁର ଉତ୍ପାଦନ ବହୁଳ ଭାବରେ ହୋଇଥାଏ। ମେକ୍ସିକୋରେ ମୃତକଙ୍କ ଶବ ସାଜସଜ୍ଜା କେବଳ ଏହି ଗେଣ୍ଡୁରେ ହେବାର ପ୍ରଥା ରହିଛି, ସେଠାରେ ଗେଣ୍ଡୁକୁ ମୃତକଙ୍କ ପାଇଁ ଉଦ୍ଦିଷ୍ଟ ଫୁଲ ଭାବେ ବହୁଳ ଭାବେ ବ୍ୟବହାର କରନ୍ତି। ଭାରତରେ ଗେଣ୍ଡୁକୁ ନେଇ ଅନେକ ଚଳଚ୍ଚିତ୍ର, ଗୀତ, ସଂଗୀତ, ନାଟକ ରଚନା ହୋଇଛି। ଗେଣ୍ଡୁର ଲୋକପ୍ରିୟତା ଦେଖିବାକୁ ଗଲେ ସମଗ୍ର



ବିଶ୍ୱ ମଧ୍ୟରେ ଭାରତରେ ହିଁ ଗେଣ୍ଡୁର ଉତ୍ପାଦନ, ବ୍ୟବହାର, ସାଜସଜ୍ଜା, ପୂଜା ପାର୍ବଣ ସବୁଥିରେ ପ୍ରଥମ ଲୋକପ୍ରିୟତା ପ୍ରାପ୍ତ କରିପାରିଛି।

ଭାରତୀୟ ବଜାରରେ ଅନେକ ପ୍ରଜାତିର ଗେଣ୍ଡୁ ଉପଲବ୍ଧ,ସେଥିମଧ୍ୟରୁ ଫ୍ରେଞ୍ଚ ମେରିଗୋଲ୍ଡ, ସିଗନେଟ୍ (ସିଙ୍ଗଲ) ମେରିରେ ରିଗୋଲ୍ଡ, ଆଫ୍ରିକାନ୍ ମେରିଗୋଲ୍ଡ, ମାକ୍ସିକନ୍ ମେରିଗୋଲ୍ଡ, ଟ୍ରିପ୍ଲୋଏଡ୍ ହାଇବ୍ରିଡ୍, ପଟ୍ ମେରିଗୋଲ୍ଡ ପ୍ରଜାତିର ଗେଣ୍ଡୁ ଅଧିକ ଦେଖିବାକୁ ମିଳେ। ଯଦିଓ ସମଗ୍ର ବିଶ୍ୱରେ ୫୬ଟି ପ୍ରଜାତିର ଗେଣ୍ଡୁ ଏବଂ ଅନେକ ପ୍ରକାରର ଦେଖାଯାଇଥାଏ, ଭାରତରେ ତିନିଟି ପ୍ରଜାତି ଗେଣ୍ଡୁ ଆଫ୍ରିକନ୍, ଫ୍ରେଞ୍ଚ ଓ ସିଗ୍‌ନେଟ୍‌ର ଉତ୍ପାଦନ ଅଧିକ ହୋଇଥାଏ । ଅନେକ ପ୍ରକାର ଗେଣ୍ଡୁ ଅଛି, ଯାହା ବର୍ଷରେ ଥରେ ଖୁବ୍ ଭଲଭାବେ ଫୁଟିଥାଏ ଏବଂ ଅନ୍ୟ କିଛି ଗେଣ୍ଡୁ ଅଛି ଯାହା ବାରମାସୀ ବା ବର୍ଷସାରା ଫୁଟିଥାଏ।

## ଜିନିଆ

ଶୀତ ଋତୁରେ ଫୁଟୁଥିବା ଏକ ସୁନ୍ଦର ଫୁଲ ହେଉଛି ଜିନିଆ। ଜିନିଆର ବୈଜ୍ଞାନିକ ନାମ 'ଜିନିଆ ଏସ୍‌ପି'। ଏହି ଫୁଲ ବିଭିନ୍ନ ରଙ୍ଗ ଓ ପ୍ରକାରର ଦେଖିବାକୁ ମିଳେ। ତେବେ ସାଧାରଣରେ ଯେଉଁ ଜିନିଆ ପ୍ରାୟତଃ ସବୁଆଡ଼େ ଦେଖାଯାଏ ତାକୁ 'ଜିନିଆ ଏଲିଗେସ୍' କୁହାଯାଏ । ଅଧିକାଂଶ ଜିନିଆର ମୂଳ ଉତ୍ପତ୍ତିସ୍ଥଳ ଉତ୍ତର ଆମେରିକା ହୋଇଥିବା ବେଳେ କିଛି ପ୍ରଜାତି ମଧ୍ୟ ଆମେରିକାର ହୋଇଥାଏ। ଜର୍ମାନର ବନସ୍ପତି ବୈଜ୍ଞାନିକ ଜୋହାନ ଗଟ୍‌ଫ୍ରେଡ୍ ଜିନ୍‌ଙ୍କ ନାମାନୁସାରେ ଏହି ଫୁଲର ନାମ 'ଜିନିଆ' ରଖାଯାଇଛି। ଶୀତର ଶେଷ ଓ ଗ୍ରୀଷ୍ମର ଆରମ୍ଭ ସମୟରେ ଜିନିଆ ବହୁ ପରିମାଣର ଫୁଟେ ଓ ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ପସନ୍ଦ କରେ ଜିନିଆ। ଅଧିକ ଥଣ୍ଡା ସହ୍ୟ କରି ନପାରିବାରୁ ଥଣ୍ଡା ସମୟରେ ବା ଅଧିକ ପାଣି ଦେଲେ ଗଛ ମୂଳ ସଢ଼ି ଯାଇଥାଏ। ଜିନିଆ ସମସ୍ତଙ୍କୁ ନିଜର କୋମଳତା ଓ ସୌନ୍ଦର୍ଯ୍ୟ ଦ୍ୱାରା ଆକର୍ଷିତ କରେ। ଜିନିଆ ଫୁଲକୁ ଦେଖିଲେ ସ୍ୱତଃ ମନରେ କୋମଳ ଭାବ ଜାଗ୍ରତ ହୁଏ । ସାଧାରଣତଃ ଜିନିଆକୁ ବନ୍ଧୁତା, ଧୈର୍ଯ୍ୟ, ନିତ୍ୟ ସ୍ମରଣ, ଉତ୍ତମ ଓ ଶାଶ୍ୱତ ସ୍ନେହ, ଶ୍ରଦ୍ଧା ବନ୍ଧନର ପ୍ରତୀକ ଭାବେ ବିବେଚନା କରାଯାଏ। ବନ୍ଧୁତ୍ୱ ବା ସମ୍ପର୍କ ଭିତରେ ଥିବା ଦୂରତାରୁ ଉତ୍ପନ୍ନ ଏକାକୀପଣ ଖୋଜିବା ବା ମନେ ପକାଇବାର ଭାବ, ଅନେକଦିନ ଧରି ଦେଖି ନଥିବା ପ୍ରିୟ ବ୍ୟକ୍ତିଙ୍କ ପ୍ରତି ଅନାବିଳ ସ୍ନେହ, ସମ୍ମୋହନକୁ ସୂଚିତ କରେ ଜିନିଆ। ଜିନିଆର ମୂଳ ପ୍ରଜାତି ହେଉଛି କମନ ଜିନିଆ, ପେରୁଭିଆନ୍ ଜିନିଆ, ଜିନିଆ ଆଙ୍ଗେଷ୍ଟିପୋଲିଆ ଓ ଡେଜର୍ଟ ଜିନିଆ । ଏହି ଚାରିଟି ପ୍ରଜାତିରୁ ସ୍ୱୀକୃତିପ୍ରାପ୍ତ ୨୦ ପ୍ରକାର ଭିନ୍ନ ପ୍ରଜାତିର ଜିନିଆ ଫୁଲ ରହିଛି। ଏଥିରୁ ସଙ୍କରୀକରଣ କରାଯାଇ ଶହଶହ କିସମର ବିଭିନ୍ନ ରଙ୍ଗ, ଆକାରର ଜିନିଆ ଉଦ୍ଭିଦ ବିଜ୍ଞାନୀମାନଙ୍କ ଦ୍ୱାରା ଉତ୍ପନ୍ନ ହୋଇପାରିଛି। ଓଡ଼ିଶାରେ ଶୀତଋତୁର ଲୋକପ୍ରିୟ ଫୁଲ ଭାବେ ଜିନିଆ ପ୍ରାୟ ଲୋକଙ୍କ ବାଲକୋନୀର ଶୋଭା ବଢ଼ାଇଥାଏ।



## ଗୋଲାପ

ବର୍ଷବ୍ୟାପୀ ବଞ୍ଚିପାରୁଥିବା ଏକ ଦୀର୍ଘସ୍ଥାୟୀ ଉଦ୍ଭିଦ ହେଉଛି 'ଗୋଲାପ', ଯାହାକୁ ଇଂରାଜୀରେ କୁହାଯାଏ 'ରୋଜ୍' । 'ରୋଜ୍'ର ନାମକରଣ ଫରାସୀ ଭାଷାରୁ ହୋଇଛି। ମୂଳ ଲାଟିନ୍ ଭାଷା 'ରୋଜା'ରୁ ଏହା ଉଦ୍ଭବ। ରୋଜା ଶବ୍ଦ ଗ୍ରୀକ୍ ଭାଷାର 'ରୋଡିୟମ୍‌ରୁ' ଆସିଥିବାର ଜଣାଯାଏ। ସୌନ୍ଦର୍ଯ୍ୟ, ମଧୁର ସୁଗନ୍ଧ ଓ କୋମଳତା ପାଇଁ ଗୋଲାପକୁ ପୁଷ୍ପ ଜଗତର ରାଣୀ କୁହାଯାଏ। ଅଧିକାଂଶ ଗୋଲାପର ଉତ୍ପତ୍ତି ଏସିଆରୁ ହୋଇଛି। ଗୋଲାପ ଗଛର ନିର୍ଦ୍ଦିଷ୍ଟ ଆକାର କଳନା କରିବା ବା ରୂପ ବର୍ଣ୍ଣନା କରିବା ଅସମ୍ଭବ। ଗୋଲାପ ବା ରୋଜ୍‌ର ବନସ୍ପତିକ ନାମ ହେଉଛି 'ରୋଜା'। ଭାରତରେ ଗୋଲାପର ବନସ୍ପତିକ ନାମ 'ରୋଜା ଇଣ୍ଡିକା' ଏହା ରୋଜାସିଆ (Rosacea) ପରିବାରରୁ ଆସିଛି। ସଂସ୍କୃତରେ ଗୋଲାପକୁ ଅତିମଞ୍ଜୁଳା, ଲାକ୍ଷାପୁଷ୍ପ କହୁଥିବା ବେଳେ ଆମ ଓଡ଼ିଶାରେ ଏହାକୁ ଗୋଲାପ କହିଥାନ୍ତି। ଅନେକ ସ୍ତୋତ୍ର ଓ ଇତିହାସରେ କୁହାଯାଇଛି ଯେ, ମନୁଷ୍ୟର ଉପସ୍ଥିତି ପୂର୍ବରୁ ଗୋଲାପ ପୃଥିବୀକୁ ଆସିଛି ଅର୍ଥାତ୍ ୬ ମିଲିୟନ୍ ବର୍ଷ ପୂର୍ବରୁ । ଏସିଆ ଉତ୍ତର ଆମେରିକାରେ କରାଯାଇଥିବା ଗବେଷଣା ଅନୁଯାୟୀ ତର୍କ କରନ୍ତି ଯେ, ୩୦ ମିଲିୟନ୍ ବର୍ଷ ପୂର୍ବରୁ ଗୋଲାପ ପୃଥିବୀକୁ ଆସିଛି। ଗୋଲାପର ସୌନ୍ଦର୍ଯ୍ୟ ଯଦିଓ ସମଗ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିଥାଏ, ଆମ ହିନ୍ଦୁ ମନ୍ଦିରରେ କିନ୍ତୁ ଗୋଲାପକୁ ପୂଜା ଫୁଲ ଭାବେ ସ୍ୱୀକାର କରାନଯାଇ ବାସନ୍ଦ କରାଯାଇଥାଏ। ହିନ୍ଦୁମାନଙ୍କ ପରମ୍ପରା ଅନୁଯାୟୀ ଗୋଲାପ ପୂଜା ପାଇଁ ବର୍ଜନୀୟ କାରଣ ରୋମାନ୍ ଓ ମୁସଲମାନମାନେ ଗୋଲାପକୁ ଭାରତକୁ ଆଣିଥିଲେ। ସର୍ବଦା ପ୍ରେମ୍-ବିରହ ରକ୍ତ-ଲୁହ ଯୁଦ୍ଧ-ଯନ୍ତ୍ରଣା ସହିତ ସମ୍ପର୍କ ରଖୁଥିବା ଗୋଲାପ ହିନ୍ଦୁତ୍ୱର ପବିତ୍ରତା, ମୋକ୍ଷ, ସମର୍ପଣ ଭାବ କୋମଳତା ଭରା ଦେବତାଙ୍କ ପୂଜା ଫୁଲର ସ୍ଥାନ ନେଇପାରେ ନାହିଁ। ତଥାପି ଶୁଭେଚ୍ଛା ଓ ଅଭିବାଦନ ପାଇଁ ଗୋଲାପ ସର୍ବଦା ସମସ୍ତଙ୍କ ପ୍ରିୟ ଫୁଲ ହୋଇ ରହିଆସିଛି।



## ଡାଲିଆ

ପ୍ରକୃତିର ଅନ୍ୟତମ ଆକର୍ଷଣ ଫୁଲ ଭିତରେ ବିଭିନ୍ନ ରଙ୍ଗ ଓ ଆକାରରେ ଯିଏ ଅଭିଭୂତ କରେ, ସେ ହେଉଛି 'ଡାଲିଆ'। ଡାଲିଆ ଫୁଲ ଦ୍ୱିପାକ୍ଷିକ ଶ୍ରେଣୀର। ସୂର୍ଯ୍ୟମୁଖୀ ପରିବାରର ଏକ ଉଦ୍ଭିଦ। ମେକ୍ସିକୋ ହେଉଛି ଏହାର ବିତରଣ କେନ୍ଦ୍ର। ଡାଲିଆ ଏକ ଆକର୍ଷଣୀୟ ଫୁଲ, ଯାହା ଅନେକ ରଙ୍ଗ ଏବଂ ଆକାରରେ ମିଳିଥାଏ। ୫୦,୦୦୦ ରୁ ଅଧିକ ପ୍ରଜାତିର ବିଭିନ୍ନ ରଙ୍ଗ ବା ଫର୍ମର ଡାଲିଆ ରହିଛି। ଏହି ସବୁ ପ୍ରଜାତିର ଡାଲିଆ ଫୁଲ ବଗିଚାର ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ। ଏହା ୨-୩ ମିଟର ଯାଏ ଉଚ୍ଚତାରେ ବଢେ, କିନ୍ତୁ ବୋନି ପ୍ରଜାତିର ଡାଲିଆ ରହିଛି ଯାହା ଅଧା ମିଟର ବଢିଥାଏ। ଏହା ଦେଖିବାକୁ ସୂର୍ଯ୍ୟମୁଖୀ ଫୁଲ ପରି ହୋଇଥାଏ। ବିଭିନ୍ନ ରଙ୍ଗର ଓ ପାଖୁଡ଼ାଗୁଡ଼ିକ ବିଭିନ୍ନ ଆକାରର ହୋଇଥାଏ। ଶୁଣିବାକୁ ବିଚିତ୍ର ଲାଗିଲେ ମଧ୍ୟ ଏହା ସତ ଯେ, ଡାଲିଆକୁ ନେଇ ବିଶ୍ୱର ବିଭିନ୍ନ ଦେଶରେ ଅନେକ ସଂଗଠନ ବା ସୋସାଇଟି ଗଠନ କରାଯାଇଛି । ଶଙ୍କରୀକରଣ ଦ୍ୱାରା ଡାଲିଆର ନୂଆ ନୂଆ ପ୍ରଜାତି ଓ ପ୍ରକାର ବୃଦ୍ଧି କରିବା, ଔଷଧୀୟ ଉପଯୋଗରେ ବ୍ୟବହାର କରିବା, ଡାଲିଆର ସଂରକ୍ଷଣ କରିବା, କସ୍ମେଟିକ୍ ଦୁନିଆରେ ଡାଲିଆର ଉପଯୋଗ କରିବା ସୋସାଇଟି ଗୁଡ଼ିକର ମୂଳଲକ୍ଷ୍ୟ। ଡାଲିଆ ଯଦିଓ କୁଣ୍ଡରେ ଲଗାଯାଇପାରେ କିନ୍ତୁ ବଗିଚାରେ ଏହି ଫୁଲକୁ ବୁଦା ଭଳି ଲଗାଇଲେ ଖୁବ୍ ଆକର୍ଷକ ଦେଖାଯାଏ। ଶୀତ ଦିନରେ ହିଁ ଡାଲିଆ ଅଧିକ ଫୁଟିଥାଏ ବା ଏହା ଏକ ଋତୁକାଳୀନ ଫୁଲ।



## ପିଟୁନିଆ

ପିଟୁନିଆ ଏକ ଅଳଙ୍କରଣ ଫୁଲ ଯାହାକୁ ଘର ଚାରିକଡ଼ ଓ ବାଲକୋନୀରେ ସଜାଇଲେ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ। ଏହି ଫୁଲ ଝୁଲନ୍ତା କୁଣ୍ଡ ବା ଟୋକେଇରେ ଅଧିକ ଆକର୍ଷକ ଦେଖାଯାଏ। ପିଟୁନିଆକୁ ଅଧିକ ରକ୍ଷଣାବେକ୍ଷଣ କରିବାକୁ ପଡ଼ିନଥାଏ, କେବଳ ପାଣି ଦେବା ବେଳେ ଧ୍ୟାନ ଦେବାକୁ ପଡ଼େ। ଆବଶ୍ୟକରୁ ଅଧିକ ପାଣି ମୂଳକୁ ସଢ଼ାଇ ଦେଇପାରେ। ବସନ୍ତରୁ ଶରତ ଋତୁ ଯାଏ ବା ଭାରତରେ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ପିଟୁନିଆ ଖୁବ୍ ଅଧିକ ଫୁଟେ ଓ ଏହାର ରୂପ ରଙ୍ଗ ଖୁବ୍ ଆକର୍ଷକ ଦିଶେ। ପିଟୁନିଆକୁ ଏକ ପ୍ରତୀକାତ୍ମକ ଭାଷାରେ କ୍ରୋଧ ଓ ଆକ୍ରୋଶକୁ ସୂଚୀତ କରାଯାଇଥାଏ। ମାନ୍ୟତା ରହିଛି ପିଟୁନିଆକୁ ଘର ସାମନାରେ ଲଗାଇଲେ ଭୂତ ପ୍ରେତଙ୍କ ନକରାତ୍ମକ ଶକ୍ତି ପ୍ରଭାବିତ କରିପାରେ ନାହିଁ। ଅନେକଙ୍କ ମତରେ ଏହା ମଧ୍ୟ କୁହାଯାଏ ଯେ, ପିଟୁନିଆର ସବୁଠୁ ଅଧିକ ପ୍ରୟୋଜନ ସେତେବେଳେ ଥାଏ, ଯେତେବେଳେ ଜଣଙ୍କ ସହିତ ଜୀବନ ଖୁବ୍ ସହଜ ଓ ଆରାମଦାୟକ ମନେହୁଏ। ପିଟୁନିଆ ଏହି ଭାବକୁ ପ୍ରକଟ କରିବାର ପ୍ରତୀକ ଭାବେ ଉପହାରର ସ୍ଥାନ ନିଏ। ନିଜର ଅନ୍ତରଙ୍ଗ ବନ୍ଧୁ ବା ଆତ୍ମୀୟଙ୍କୁ ଏହା ଉପହାର ଭାବେ ଭେଟି ଦିଆଯାଏ। ପିଟୁନିଆର ମହତ୍ୱ ଓ ଗୁରୁତ୍ୱ ଯାହା ଥାଉନା କାହିଁକି ପ୍ରକୃତିକୁ ଅନନ୍ୟ ସୌନ୍ଦର୍ଯ୍ୟ ଦେବାରେ ଓ ଘର ଅଗଣାର ଶୋଭା ବଢ଼ାଇବାକୁ ଏହାର ମହତ୍ତ୍ୱ ବାସ୍ତବିକ ଅବର୍ଣ୍ଣନୀୟ । ପିଟୁନିଆର ରଙ୍ଗର ବିବିଧତା ମନକୁ ଆପାୟିତ କରେ, ତୃପ୍ତି ଅନୁଭବ ହୁଏ। ଶରତକୁ ସୁନ୍ଦର କରୁଥିବା ପିଟୁନିଆ ସୌନ୍ଦର୍ଯ୍ୟର ଗନ୍ତାଘର। ସ୍ବଠାରୁ ଲୋକପ୍ରିୟ ବାର୍ଷିକ ଫୁଲ ପିଟୁନିଆକୁ ଉଦ୍ୟାନରେ ଏବଂ କୁଣ୍ଡରେ ଉଭୟ ସ୍ଥାନରେ ଲଗାଯାଇପାରେ। ପିଟୁନିଆ ରୋପଣ କରିବା ଖୁବ୍ ସହଜ ଓ ବର୍ଷର ଯେକୌଣସି ସମୟରେ ଫୁଲ ଫୁଟାଇପାରେ। ତେବେ ଶୀତ ଆରମ୍ଭ ସମୟରେ ପିଟୁନିଆର ରୂପ, ରଙ୍ଗ, ବୈଭବ ଅତି ଚମତ୍କାର ଓ ଏହା ବହୁମାତ୍ରାରେ ଫୁଲ ଫୁଟିଥାଏ। ବାଲ୍‌କୋନୀରେ ହ୍ୟାଙ୍ଗିଙ୍ଗ୍ (ଝୁଲାକୁଣ୍ଡ) ଡିଜାଇନ୍ କରିବା ପାଇଁ ପିଟୁନିଆଠୁ ଅଧିକ ସୁନ୍ଦର ଆଉ କିଛି ହୋଇନପାରେ।

ଶୀତ ଋତୁରେ ଏମିତି ଆହୁରି ଅନେକ ପ୍ରକାରର ଫୁଲ ଫୁଟିଥାଏ। ଆଉ ପରିବେଶର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣ କରିଥାଏ। ■



ରାଉତ କମ୍ପ୍ଲେକ୍ସ, କଟକ ରୋଡ୍
ଲକ୍ଷ୍ମୀ ସାଗର, ଭୁବନେଶ୍ୱର



ଧରାପୃଷ୍ଠରେ ବର୍ଷକ ବାର ମାସ ଓ ଛଅ ଋତୁ । ତେବେ ଆମ ଦେଶ ଭାରତରେ ମୁଖ୍ୟତଃ ଗ୍ରୀଷ୍ମ, ବର୍ଷା, ଶୀତ ଓ ଶରତ ଏଇ ଚାରୋଟି ଋତୁ ବିଶେଷ ଭାବରେ ଅନୁଭୂତ ହୋଇଥାଏ । ବିଭିନ୍ନ ରାଜ୍ୟରେ ଲୋକାଚାରକୁ ନେଇ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ତେଣୁ ଆମ ରାଜ୍ୟର ପ୍ରତ୍ୟେକ ପର୍ବପର୍ବାଣି ଲୋକାଚାର ସହ କୃଷି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗାଆଁ ଗହଳିରେ କହିଥାନ୍ତି "ଶୀତ ଆମ ମିତ" । କାରଣ ଏହି ସମୟରେ ବିଲରୁ ପାଚିଲା ଧାନ କଟା ହୋଇ ଘରକୁ ଆସେ । ଗଦା ଗଦା କଳେଇରେ ସୁନ୍ଦର ଭାବରେ ଲିପାପୋଛା ହୋଇଥିବା ଖଳାବାରି ଭରିଯାଏ । ବିଲ ବାଡ଼ିରେ ଫୁଲକୋବି, ବନ୍ଧାକୋବି, ବିନ୍, ଗାଜର୍, ବିଟ୍, ମଟର ଛୁଇଁ, ବିଲାତି ବାଇଗଣ, ନୂଆ ଆଳୁ ସହିତ ରକମରକମର ପନିପରିବା, ଭଳିକି ଭଳି ଶାଗ, ମୂଳା, ପାଳଙ୍ଗ, ମକା ସହ ମୁଗ ଛୁଇଁ ଭର୍ତ୍ତି ହୋଇଥିବା ଦେଖି ମନ ଆନନ୍ଦରେ ନାଚି ଉଠେ । ଓଡ଼ିଆ ଘରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ସବୁ ପର୍ବପର୍ବାଣିକୁ ରାଜ୍ୟବାସୀ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି ଓଡ଼ିଶାର ଘରେ ଘରେ । ସ୍ଥାନ, କାଳ ପାତ୍ର ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ଓଡ଼ିଶାରେ ପର୍ବପର୍ବାଣିର ଆନନ୍ଦ ନିଆରା । ଶୀତ ଋତୁରେ ପାଳିତ ହେଉଥିବା କେତେକ ପର୍ବପର୍ବାଣିକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

# ଶୀତରେ ପର୍ବପର୍ବାଣି



ସୁଷମା ପରିଡ଼ା

ଶରତ ଋତୁରେ ଦୀପାବଳିଠାରୁ ଶୀତର ରାଜୁତି ପ୍ରାୟ ମାଘ ମାସର ଅଗ୍ନି ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ଏ ପୃଥିବୀର ମଣିଷ ଦୀପାବଳିରେ ଦୀପ ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଆବାହନ କଲାବେଳେ ବୋଧହୁଏ ଶୀତକୁ ମଧ ଆବାହନ କରିଥାଏ ଧରିତ୍ରୀ। ଆତସବାଜିର ଧୂଆଁରେ ଶୀତକୁ ଦୂରେଇ ଦେବାକୁ ଚେଷ୍ଟା କରିବା ବେଳେ ଶୀତ ଆହୁରି ଘନେଇ ଆସେ । ଦୀପାବଳି ଅମାବାସ୍ୟା ପରେ ପରେ ଶୀତ ଧୀରେ ଧୀରେ ଓହ୍ଲାଇ ଆସେ ଧରାପୃଷ୍ଠକୁ। ଶୀତ ଋତୁ ସାଥିରେ ଆଣିଥାଏ ଅଜସ୍ର ଋତୁ ଫୁଲର ସମ୍ଭାର, ଜାତିଜାତିକା ପନିପରିବା ଆଉ ଶାଗର ଅପ୍ରମିତ ସମାହାର । ଧରଣୀ ରାଣୀର ସବୁଜ ଶାଢ଼ି ଉପରେ ଶିଶିର ମୁକ୍ତାର କାରୁକାର୍ଯ୍ୟ ରଚିତ ହୁଏ, ଶୀତ ସକାଳର ନରମ କିରଣରେ ଚତୁର୍ଦ୍ଦିଗ ଝଲସି ଉଠେ । ଟୁବି ଗଡ଼ିଆରେ ଧୀରେ ଧୀରେ ଆଖି ମେଲି ଚାହୁଁଥାନ୍ତି ନାଲି, ନୀଳ କଇଁ ଏବଂ ଗୋଲାପି ପଦ୍ମ କଳିକା ।

## କାର୍ତ୍ତିକ ପୂର୍ଣ୍ଣିମା

ଶୀତ ଆରମ୍ଭରେ ଶ୍ରୀକ୍ଷେତ୍ର ପୁରୀରେ ହବିଷ୍ୟାଳୀମାନେ ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ ସାରି ଶୀତରେ ଥରଥର ହୋଇ ଦିଅଁ ଦର୍ଶନ ଏବଂ ରାଇ ଦାମୋଦର ବ୍ରତ ପାଳନ କରିଥାନ୍ତି । ପଞ୍ଚୁକ ଗାଧୁଆ ଏବଂ କାର୍ତ୍ତିକ ପୂର୍ଣ୍ଣିମା ରାତି ଅଧରୁ ଡଙ୍ଗା ଭସେଇବାକୁ ଥିବା ବେଳକୁ ସମସ୍ତଙ୍କ ଦେହ ଶୀତରେ ଥରି ଯାଉଥାଏ । ଶୀତ ଋତୁର ପ୍ରଥମ ପର୍ବ ହେଉଛି 'କାର୍ତ୍ତିକ ପୂର୍ଣ୍ଣିମା' ବା 'ରାସ ପୂର୍ଣ୍ଣିମା' । ଏହି ସମୟରେ ଗାଆଁ ଗହଳିରେ ଭାଗବତ ଟୁଙ୍ଗିଗୁଡ଼ିକରେ ଛାମୁଣ୍ଡିଆ ବନ୍ଧା ଯାଇ ରାଧାକୃଷ୍ଣଙ୍କ ଫଟୋଚିତ୍ର ରଖି ପୂଜା କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଧାକୃଷ୍ଣଙ୍କ ରାସଲୀଳା ପାଠ ହୁଏ । ବର୍ତ୍ତମାନ ସମୟରେ ଠାଆକୁ ଠାଆ କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି ଓ ମେଢ଼ ତିଆରି ହୋଇ ଖୁବ୍ ଜାକଜମକରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ପାଳନ କରାଯାଉଛି । ଏହି ସମୟରେ ଉତ୍କଳର ପୁରାତନ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଦେଇ ଐତିହାସିକ ବାଲିଯାତ୍ରା କଟକ ସହରରେ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି । ଏହା ଓଡ଼ିଶାର ସର୍ବ ବୃହତ୍ ବାଣିଜ୍ୟ ମେଳା ଭାବରେ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ।



## ମାଣବସା ଗୁରୁବାର



କାର୍ତ୍ତିକ ପରେ ପରେ କୃଷ୍ଣପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇଥାଏ ମାର୍ଗଶିର। ଶ୍ରୀମଦ୍ଭଗବତ ଗୀତାରେ ନିଜେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି "ମାସା ନାଂ ମାର୍ଗଶୀଷୋଽହମ୍" ଅର୍ଥାତ୍ ମାସଗୁଡ଼ିକ ମଧ୍ୟରେ ମାର୍ଗଶିର ହିଁ ଶ୍ରେଷ୍ଠ ମାସ, କାରଣ ଏହି ମାସରେ ପାଳିତ ହୋଇଥାଏ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାଣବସା ପର୍ବ । ମାଣବସା ପ୍ରତି ଓଡ଼ିଆ ଘରର ବଡ଼ ଏବଂ ପବିତ୍ର ପର୍ବ। ପଞ୍ଚସଖାଙ୍କ ଜ୍ୟେଷ୍ଠ ସଖା ଭକ୍ତ ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ'ରୁ ଜଣାଯାଏ ଅନନ୍ତ କାଳରୁ ପାଳିତ ହୋଇଆସୁଛି ଲକ୍ଷ୍ମୀଙ୍କ ଆରାଧନା । ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାର ଦିନ ପ୍ରାତଃକାଳରୁ ଓଡ଼ିଆଣୀଟିଏ ଘରଦ୍ୱାର ଲିପାପୋଛା କରି ସ୍ନାନ ଶୌଚ ହୋଇ ଶୁଦ୍ଧ ପୂତ ଭାବରେ ଅରୁଆ ଚାଉଳକୁ ବାଟି ଝୋଟି ଚିତାରେ ପୂଜା କୋଠି ନିର୍ମାଣ କରିଥାଏ । ଘର ଚାରିଆଡ଼େ ଫୁଲ ପତ୍ର, ଲକ୍ଷ୍ମୀ ପାଦ ଆଙ୍କି ଥାଏ । ଘର ଭିତରେ ପୂଜା କୋଠିରେ ଖଟୁଲି ଉପରେ ଧାନ ମାଣରେ ନୂଆ ଶୁକ୍ଳ ଧାନ ରଖି ଲକ୍ଷ୍ମୀ ମୂର୍ତ୍ତିଙ୍କୁ ସ୍ଥାପନା କରେ, ନାଲି ଓଢ଼ଣୀରେ ଢାଙ୍କି ଦିଏ ମାଆଙ୍କୁ । ପଦ୍ମ ଫୁଲ, ସୁଆଁଧାନ, ସୋରିଷଫୁଲ, ମୂଳା, ଆଖୁ କଦଳୀ, ହରିଡ଼ା, ସାହାଡ଼ା, ଅଁଳା ଆଦି ସମର୍ପଣ କରି ଗେଣ୍ଡୁଫୁଲରେ ସଜା ଯାଏ । ନୂଆ ଧାନରୁ ଚାଉଳ ବାହାର କରି ମଣ୍ଡାପିଠା, କ୍ଷୀରି ଭୋଗ ଲଗାଏ ଲକ୍ଷ୍ମୀ ଠାକୁରାଣୀଙ୍କୁ । ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ଗଳବସ୍ତ୍ର ହୋଇ ପ୍ରାର୍ଥନା କରେ ମା' ଲକ୍ଷ୍ମୀଙ୍କୁ "ମା' ଲୋ' ମୋ' ପରିବାର ଉପରେ କୃପା ଦୃଷ୍ଟି ରଖିଥିବୁ । ବର୍ଷସାରା ଅନ୍ନ ବସ୍ତ୍ରର ଅଭାବ ରଖିବୁ ନାହିଁ । ଦୋଷାଦୋଷ କ୍ଷମା କରି କରୁଣା ରଖିଥିବୁ ଲୋ' ମାଆ !"



## ପଣ୍ଡୁ ପୂର୍ଣ୍ଣିମା

ମାର୍ଗଶିର ମାସର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ଏହି ଦିନରେ ଗାଆଁ ଗହଳିରେ ସ୍ତ୍ରୀ ଲୋକମାନେ ସନ୍ତାନମାନଙ୍କ ମଙ୍ଗଳ କାମନା କରି ପଣ୍ଡୁ ଓଷା କରିଥାନ୍ତି। ଗାଆଁ ଦାଣ୍ଡରେ ସମବେତ ହୋଇ ମାଆମାନେ ପଛେଇ କରି ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ଯମ ଦେବତାଙ୍କ ଉପାସନା କରିଥାନ୍ତି। ନିଜର ସନ୍ତାନ ସନ୍ତତିମାନଙ୍କ ଦୀର୍ଘାୟୁ କାମନା କରିଥାନ୍ତି।



## ଶାମ୍ବ ଦଶମୀ

ପୌଷ ମାସର ଶୁକ୍ଳପକ୍ଷ ଦଶମୀ ତିଥିରେ ସୂର୍ଯ୍ୟ ନାରାୟଣଙ୍କ ବ୍ରତ ଶାମ୍ବ ଦଶମୀ ପଡ଼େ। ହିନ୍ଦୁ ସନାତନ ଧର୍ମରେ ଆମେ ସମସ୍ତେ ସୂର୍ଯ୍ୟ ଦେବତାଙ୍କୁ ସକଳ ଶକ୍ତିର ଆଧାର ବୋଲି ମାନିଥାଉ। ବ୍ରହ୍ମ ଶାପରେ ପୀଡ଼ିତ କୃଷ୍ଣ ପୁତ୍ର ଶାମ୍ବ ତୀର୍ଥରାଜ କୋଣାର୍କରେ ସହସ୍ର ବର୍ଷ ତପସ୍ୟା କରି କୁଷ୍ଠ ବ୍ୟାଧି ମୁକ୍ତ ହୋଇଥିଲେ ବୋଲି ଶାସ୍ତ୍ର ପୁରାଣରେ ଲିଖିତ ଅଛି। ଏହି ଦିନରେ ଗାଆଁ ହେଉ ବା ସହର ସବୁଠି ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କରାଯାଏ। ଘରେ ଘରେ ଖିରୀ ପିଠା ମିଠା ଇତ୍ୟାଦି ତିଆରି ହୋଇ ସୂର୍ଯ୍ୟ ଦେବତାଙ୍କୁ ତିନି ଧୂପ ଅର୍ପଣ କରିବା ପରେ ଗୃହିଣୀମାନେ ପରିବାରର ଲୋକଙ୍କ ସୁସ୍ଥ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଥାନ୍ତି।

ପୌଷ ମାସ ପରେ ଆସେ ମାଘ ମାସ। ଲୋକ କଥାନୁସାରେ 'ମାଘ ମାସରେ ବାଘୁଆ ଜାଡ଼' ଅର୍ଥାତ୍ ମାଘ ମାସରେ ଶୀତର ପ୍ରକୋପ ବାଘ ଭଳି ଭୟଙ୍କର। ଗାଆଁ ଗହଳିରେ ଧାନ ଅମଳ ପରେ ବିଲରୁ ବଳକା ନଡ଼ା ସବୁ ଆସି ଘରେ ଗଦା ହୋଇଥାଏ, ଗୃହପାଳିତ ପଶୁମାନେ ଖାଇବା ପାଇଁ। ସେଇ ନଡ଼ା ଗଦାରୁ କିଛି ପାଳକୁ ନେଇ ଘରେ ଘରେ ନିଆଁ ପୁହାଁ ହୁଏ। ବାଘୁଆ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ।





## ସରସ୍ୱତୀ ପୂଜା

ମାଘ ମାସକୁ ଅତି ପୁଣ୍ୟର ମାସ ବୋଲି କୁହାଯାଏ। କାରଣ ଏହି ମାସର ପଞ୍ଚମୀ ତିଥିରେ ମା' ବିଦ୍ୟାଦାତ୍ରୀ ସରସ୍ବତୀଙ୍କ ପୂଜାର୍ଚ୍ଚନା ହୋଇଥାଏ। ବିଭିନ୍ନ ସ୍କୁଲ, କଲେଜ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ମହାଆଡ଼ମ୍ବର ସହକାରରେ ପାଳିତ ହୋଇଥାଏ।

## ବାଟ ଓଷା

ମାର୍ଗଶିର ପରେ ଆସେ ପୌଷ ମାସ। ଏହି ମାସର କୃଷ୍ଣ ପକ୍ଷର ଦ୍ୱିତୀୟା ତିଥିକୁ ଯମ ଦ୍ୱିତୀୟା ବୋଲି କୁହାଯାଏ। ଏଥିରେ ଯମ ଦେବତାଙ୍କୁ ସନ୍ତୁଷ୍ଟ କରି ସନ୍ତାନସନ୍ତତିମାନଙ୍କ ଦୀର୍ଘାୟୁ କାମନା କରି 'ବାଟ ଓଷା' ବା 'ଦାଣ୍ଡ ପହଁରା ଓଷା' କରିଥାନ୍ତି ମାଆମାନେ।

ଗାଆଁ ଦାଣ୍ଡ ଚଉମୁହାଁଣି ଛକରେ ମାଟିରେ ପଛେଇ ଗଡ଼ା ହୁଏ। ମଝିରେ ଛୋଟ କଦଳୀ ଗଛଟିଏ ପୋତା ହୁଏ। ହଳଦୀ ପାଣିରେ ଭରି ଦିଆଯାଏ ପଛେଇକୁ। ତହିଁରେ କଣ୍ଟେଇ କୋଳି, ବଜରମୂଳୀ ଗଛର ଡାଳକୁ ଝାଡୁ ଭଳି ବାନ୍ଧି ମୂଳା ଆଖୁ ସହିତ ରଖାଯାଏ। ପଛେଇରେ ଚନ୍ଦନ ସିନ୍ଦୂର ଦିଆଯାଏ। ଧୂପ ଦୀପ ଦେବା ପରେ ଯମ ଦେବତାଙ୍କୁ କ୍ଷୀର, କଦଳୀ, ମୁଆଁ, ଭୋଗ ଅର୍ପଣ କରିଥାନ୍ତି। ପରେ ସେଇ ଝାଡୁ ଧରି ଭାଇମାନେ ଗାଆଁ ଦାଣ୍ଡ ଓଳାଇଥାନ୍ତି। ଏତ୍‌ଦ୍ୱାରା ଯମଦେବତା ସନ୍ତାନସନ୍ତତିମାନଙ୍କୁ ଅମର ବା ଦୀର୍ଘାୟୁ ହେବାର ଆଶୀର୍ବାଦ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ।



## ମାଘ ସପ୍ତମୀ

ମାଘ ସପ୍ତମୀ ଦିନ କୋଣାର୍କର ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ଜୀବନର ସକଳ ପାପ କ୍ଷୟ ହୋଇଥାଏ ବୋଲି ଜନଶ୍ରୁତି ରହିଛି। ତେଣୁ ଏହି ଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଚନ୍ଦ୍ରଭାଗାରେ ବୁଡ଼ ପକାଇଥାଆନ୍ତି। ମାଘ ସପ୍ତମୀରେ ଶ୍ରୀକୃଷ୍ଣଙ୍କ ପୁଅ ଶାମ୍ବ ଚନ୍ଦ୍ରଭାଗା ତଟରେ ତପସ୍ୟା କରି କୁଷ୍ଠ ରୋଗରୁ ମୁକ୍ତ ହୋଇଥିଲେ ବୋଲି କିମ୍ବଦନ୍ତୀ ରହିଛି। ତେଣୁ ପରିବାର ସଦସ୍ୟମାନଙ୍କୁ ରୋଗରୁ ମୁକ୍ତ ରଖିବା ପାଇଁ ଶ୍ରଦ୍ଧାଳୁମାନେ ଏହି ଦିନ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ସହିତ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ କରିଥାନ୍ତି। ସେଦିନ କୋଣାର୍କ ମନ୍ଦିର ପାଖରେ ବହୁତ ବଡ଼ ମେଳା ଲାଗେ। ମାଘ ମାସ ଶୁକ୍ଳପକ୍ଷ ଏକାଦଶୀରେ ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ଦାସଙ୍କ ଜନ୍ମ ଦିବସ। କଟକ ଜିଲ୍ଲାର ନେମାଳଠାରେ ପ୍ରତିଷ୍ଠିତ ବଟ ଗୋସ୍ୱାମୀଙ୍କ ପୀଠରେ ବହୁତ ବଡ଼ ମେଳା ଲାଗେ। ଅନେକ ଅନେକ ସାଧୁ ସନ୍ଥଙ୍କ ଭଜନ କୀର୍ତ୍ତନରେ ଭୂମି ପବିତ୍ର ହୋଇଯାଏ।

## ମାଘ ମେଳା



ମହିମା ଧର୍ମର ପ୍ରକୃଷ୍ଟ ମାସ ହେଉଛି ମାଘ ମାସ। ମାଘ ଶୁକ୍ଳ ଚତୁର୍ଦ୍ଦଶୀରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାରେ ସନ୍ଥକବି ଭୀମ ଭୋଇଙ୍କ ଦ୍ୱାରା ପ୍ରତିଷ୍ଠିତ ମହିମା ଗାଦିରେ ପବିତ୍ର ମାଘ ମେଳା ଅନୁଷ୍ଠିତ ହୋଇଥାଏ। ଏହା ମହିମା ଗୋସାଇଁଙ୍କ ମହାପ୍ରୟାଣ ଦିବସ। ଏହି ପର୍ବରେ ସାରା ବିଶ୍ୱର ଲୋକମାନେ ଯୋଗ ଦେଇଥାନ୍ତି।



## ଅଗ୍ନି ପୂର୍ଣ୍ଣିମା



ମାଘ ମାସର ପୂର୍ଣ୍ଣିମାକୁ ଅଗିଜଳା ପୁନେଇଁ ବା ଅଗ୍ନି ପୂର୍ଣ୍ଣିମା ବୋଲି କୁହାଯାଏ। ଏହି ଦିନଟିକୁ ଗାଆଁ ଗାଆଁରେ ଛକ ସ୍ଥାନଗୁଡ଼ିକରେ ଅଗ୍ନି ଜଳାଇ ପୂଜା ପାଠ କରି ଶୀତକୁ ବିଦାୟ ଦେବାର ଦିନ ଭାବରେ ପାଳନ କରାଯାଇଥାଏ। ସାଧାରଣ ଲୋକଙ୍କ ଭାଷାରେ "ଅଗି ଜଳିଲା, ଶୀତ ଟଳିଲା" ଅର୍ଥାତ୍ ମାଘ ମାସର ଅଗ୍ନି ଉତ୍ସବ ପରେ ଶୀତର ପ୍ରକୋପ କମିଯାଏ।

## ପୁଷ ରବିବାର ଓଷା

ପୌଷ ମାସରେ ପ୍ରତି ରବିବାର ଦିନ ସକାଳେ ସ୍ତ୍ରୀ ଲୋକମାନେ ଏକତ୍ରିତ ହୋଇ ତୁଳସୀ ଚଉରା ମୂଳରେ ସୂର୍ଯ୍ୟ ପୂଜା କରିଥାନ୍ତି। ଏହାକୁ ଗାଆଁ ଗହଳିରେ ପୁଷ ରବିବାର ଓଷା କହିଥାନ୍ତି। ସୂର୍ଯ୍ୟ ନାରାୟଣଙ୍କୁ ଆଖୁ, ମୂଳା, କଦଳୀ, ମୁଆଁ ଭୋଗ ଦେଇ, କ୍ଷୀରରେ ହଳଦୀ, ରାଶି ମିଶାଇ ଅର୍ପଣ କରି ନିଜ ସନ୍ତାନସନ୍ତତିମାନଙ୍କ ମଙ୍ଗଳ କାମନା କରିଥାନ୍ତି।





## ଧନୁ ସଂକ୍ରାନ୍ତି

ପୌଷ ମାସର ସଂକ୍ରାନ୍ତିକୁ 'ଧନୁ ସଂକ୍ରାନ୍ତି' ବୋଲି କୁହାଯାଏ। ଏଥିରେ ଖଇ ସହିତ ଚିନି, ଘିଅ, ଗୁଡ଼, ବାଦାମ, ନଡ଼ିଆ ପାତି, ଗୁଜୁରାତି ମିଶାଇ ବିଭିନ୍ନ ଆକାର, ପ୍ରକାରର ମୁଆଁ ତିଆରି ହୋଇ ମହାଦେବଙ୍କୁ ଭୋଗ ଲାଗିବା ପରେ କୁଣିଆମଇତ୍ର ଘରକୁ ବଣ୍ଟା ଯାଇଥାଏ। ଏହି ମୁଆଁଗୁଡ଼ିକ ଖୁବ୍ ସୁସ୍ୱାଦୁ ହୋଇଥାଏ।

ଶୀତ ଋତୁରେ ପର୍ବପର୍ବାଣିଗୁଡ଼ିକ ପାଳନ କରିବା ସହ ଭ୍ରମଣର ଆନନ୍ଦ ସଂଯୁକ୍ତ ହୋଇଥାଏ। ଶୀତ ଋତୁରେ ସୂର୍ଯ୍ୟଙ୍କ ରଶ୍ମୀ ଏତେ ପ୍ରଖର ନଥିବାରୁ ଏହାକୁ ବୁଲାବୁଲି, ଭୋଜିଭାତ କରିବାର ପ୍ରକୃଷ୍ଟ ସମୟ ବୋଲି ମନେ କରି ଏହି ସମୟରେ ଲୋକମାନେ ବୁଲାବୁଲି, ବଣଭୋଜି କରି ଖୁବ୍ ଆନନ୍ଦିତ ହୋଇଥାନ୍ତି। ■



ଶାରଳା ଭବନ, ପୋତା ପୋଖରୀ
କଟକ-୭୫୩୦୦୪, ମୋ: ୯୩୩୭୨୭୨୬୪୭

# ଶୀତ ପାଇଁ ଗୀତ

ପୃଥିବୀପୃଷ୍ଠରେ ଛଅ ଋତୁଙ୍କର ଅବତରଣ ପ୍ରକୃତିର ଏକ ଅପୂର୍ବ ଯାଦୁକରୀ । ସାଧାରଣ ଭାବରେ ଛଅ ଋତୁ ମଧ୍ୟରେ ଶୀତ ଋତୁର ସ୍ଥାନ ପଞ୍ଚମରେ । ଭୌଗୋଳିକ ଅବସ୍ଥାନ ଅନୁସାରେ ଓ ସୂର୍ଯ୍ୟଙ୍କର ଦୂରତା ଅନୁସାରେ ଶୀତ ଋତୁ ସ୍ଥିତି ଓ ପ୍ରକୋପର ମାତ୍ରା ହୁଏତ ଭିନ୍ନ ଭିନ୍ନ ହୋଇପାରେ । ଯେପରିକି ଭାରତରେ ନାତିଶୀତୋଷ୍ଣ ଜଳବାୟୁ ଅନୁଭୂତ ହେଉଥିଲେ ହେଁ ହିମାଳୟ ପାଦଦେଶରେ ଶୀତ ଋତୁ କୁମାରିକାର ଶୀତ ଋତୁଠାରୁ ଅପେକ୍ଷାକୃତ ଚରମ ଭାବାପନ୍ନ ହୋଇଥାଏ । ତେବେ ଶୀତ ଋତୁର ପ୍ରାକୃତିକ ସୌନ୍ଦର୍ଯ୍ୟ, ଶୀତର ଅନୁଭବକୁ ନେଇ ରଚନା କରାଯାଇଛି ଅନେକ କବିତା, କାବ୍ୟ, ଗୀତ । ପୁଣି ଶୀତ ଗୀତକୁ ନେଇ କେତେକ ଚଳଚ୍ଚିତ୍ରରେ ଆକର୍ଷଣୀୟ ଭାବେ ପ୍ରଦର୍ଶିତ କରାଯାଇଛି । ସେହିପରି ଅନେକ ଆଲବମ୍, ସିଡି, ଲଘୁ ସଙ୍ଗୀତ ଆଦିରେ ଗୀତରେ ଶୀତର ଚିତ୍ର ପ୍ରତିଫଳିତ ହୋଇଛି । ସେଭଳି ଶୀତ ସଂପର୍କିତ କିଛି ଗୀତକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



ଡକ୍ଟର ଜେନାମଣି ସଞ୍ଜୀବ କୁମାର

ଶୀତକୁ ନେଇ ଓଡ଼ିଆ ଚଳଚ୍ଚିତ୍ରରେ ଅନେକ ଗୀତ ରହିଛି । ସେଥିମଧ୍ୟରୁ 'ମେଘମୁକ୍ତି' ଚଳଚ୍ଚିତ୍ରର ଗୀତଟି ଅନ୍ୟତମ । ୧୯୮୦ ମସିହାରେ ପରଦାକୁ ଆସିଥିଲା 'ମେଘମୁକ୍ତି' ଚଳଚ୍ଚିତ୍ର । ଏହି ସିନେମାରେ ଥିବା ଗୀତଟି ବେଶ୍ ଆକର୍ଷଣୀୟ ହୋଇଛି ।

"ହାୟରେ କାହ୍ନୁ ! ବାଇ ବେଣୁ
ତୁହି ସିନା ମଥୁରାକୁ ଯାଉରେ
ଆରେ ନଟ ତୋ'ର ବାଟ ଅନାଇ କିଶୋରୀ
ଦିନରାତି ଶୀତତାତି ଦେବ ସେ ପାସୋରି"

ଏହି ଗୀତର ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀ (୧୯୩୪-୨୦୧୮) । ଗୀତଟିରେ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ । ସଙ୍ଗୀତ ନିର୍ଦ୍ଦେଶନାରେ ଥିଲେ ଶାନ୍ତନୁ ମହାପାତ୍ର । ସେତେବେଳେ ଗୀତଟିକୁ ଲୋକେ ବେଶ୍ ପସନ୍ଦ କରିଥିଲେ ।




୧୯୮୧ ମସିହାରେ 'ଶ୍ରୀଆଖଣ୍ଡଳମଣି ସମବାୟ ସମିତି' ବାଲେଶ୍ୱର ଦ୍ୱାରା ପ୍ରଯୋଜିତ ଚଳଚ୍ଚିତ୍ର 'ଦେବଯାନୀ' ପରଦାକୁ ଆସେ । ଯାହାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ପଦ୍ମଶ୍ରୀ ପ୍ରଫୁଲ୍ଲ କର । ଗୀତଟି ଥିଲା:-

"ତାରିଝେଣ୍ଣୁ ତାରିତା ତାରିଝେମ୍
ସଜନୀ! କେମିତି ବିତିବ ଏକା
ଏ' ଶୀତ ଶୀତ ରଜନୀ/ ପଉଷ ଲାଗଇ ବିଷ
ବନ୍ଧୁ ଗଲେ ପରବାସ ।/ କେମିତି ବିତିବ ଏକା ଏ ଶୀତ ରଜନୀ..."

ଏଥିରେ କଣ୍ଠଦାନ କରିଥିଲେ ହିନ୍ଦୀ ଚଳଚ୍ଚିତ୍ରର ସୁନାମଧନ୍ୟ କଣ୍ଠଶିଳ୍ପୀ ୟେସୁ ଦାସ ଓ ବାଣୀ ଜୟରାମ ଓ ଗୀତିକାର ଥିଲେ ପ୍ରଫୁଲ୍ଲ କର ।




ସେହିପରି 'ତୁଣ୍ଡ ବାଇଦ' ଚଳଚ୍ଚିତ୍ରରେ ରହିଛି ଏକ ହୃଦୟସ୍ପର୍ଶୀ ଗୀତ । ଏହି ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନାରେ ଥିଲେ ଅକ୍ଷୟ ମହାନ୍ତି । ଗୀତିକାର ଦେବଦାସ ଛୋଟରାୟଙ୍କ ଗୀତିକଥା ଓ ହିନ୍ଦୀ, ଓଡ଼ିଆ ଚଳଚ୍ଚିତ୍ରର ପ୍ରଚ୍ଛଦପଟ ଗାୟିକା ଅନୁରାଧା ପୋଡ୍‌ୱାଲ୍‌ଙ୍କ କଣ୍ଠରେ ଗୀତଟି ବେଶ୍ ହୃଦୟ ଛୁଆଁ ହୋଇଥିଲା । ଗୀତଟି ହେଉଛି :-

"କଳା ବଉଦ ଆଡ଼େଇ ଯିବ
ମୋ ମନ ଆଜି କହୁଚି ମତେ
ଶୀତ କାକର ଆଡ଼େଇ ଯିବ
ମୋ ମନ ଆଜି କହୁଚି ମତେ ।
ଫୁଲ ପୁଣି ଫୁଟିବ
ବାସ ପୁଣି ଛୁଟିବ..."

ଗୀତଟି ବିଶେଷ ଲୋକପ୍ରିୟତା ସାଉଁଟି ଥିଲା । ବିଶିଷ୍ଟ କଥାକାର ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ନେଇ ୧୯୮୭ ମସିହାରେ 'ବଧୂ ନିରୂପମା' ଚଳଚ୍ଚିତ୍ର ମୁକ୍ତି ଲାଭ କରିଥିଲା । ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅକ୍ଷୟ ମହାନ୍ତି । ଗୀତଟି ଏପରି ଥିଲା:-

"ଲୁହ ପଛେ ଥାଉ ସେଇ ଲୁହଭରା ଆଖିରେ
ମୁଁ ସେମିତି ଚାହିଁଥିବି ତୁମ ଚଲାବାଟକୁ
ଫଗୁଣ ଆସିବ ବୋଲି ଏଇ ମନ ବନରେ
ଦୁଃଖର ପତର ଝାଡ଼ି ଦେଇଦେଲି ଶୀତକୁ ।"

ଏହି ଗୀତଟିର ଗୀତିକାର ଥିଲେ ଦେବଦାସ ଛୋଟରାୟ । କଣ୍ଠଦାନ କରିଥିଲେ ମିତାଲି ଚିନ୍ନାରା । ଗୀତଟିକୁ ଲୋକେ ବେଶ୍ ପସନ୍ଦ କରିଥିଲେ ।






୧୯୮୭ ମସିହାରେ ପରଦାକୁ ଆସେ 'ପବିତ୍ର ଏଣ୍ଟରଟେନ୍‌ମେଣ୍ଟ' ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ଜୋର୍ ଯାର ମୁଲକ ତାର' । ଗୀତିକାର ଦେବଦାସ ଛୋଟରାୟ ଓ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଣ୍ଠଦାନ କରିଥିଲେ ହିନ୍ଦୀ ଚଳଚ୍ଚିତ୍ରର ପ୍ରଖ୍ୟାତ କଣ୍ଠଶିଳ୍ପୀ 'କବିତା କୃଷ୍ଣମୂର୍ତ୍ତି' । ଗୀତଟି ମାର୍ମିକ ହୋଇଥିଲା ।

" ତୁମେ ତୁମ ନୁହଁ
ମୁଁ ମୁଁ ନୁହେଁ
ଆମେ ଦୁହେଁ ମିଶି ଆଜି ନୂଆ ଗପଟିଏ...
ସେ ଗପରେ ଜହ୍ନ ନାହିଁ ତାରା ନାହିଁ
ଦିନ ନାହିଁ ନାହିଁ ରାତି, ନାହିଁ ଶୀତ ନାହିଁ ତାତି
ଅଛି ଖାଲି ପୁଅଟିଏ ଆଉ ଝିଅଟିଏ । "




ଚିତ୍ତରଞ୍ଜନ ତ୍ରିପାଠୀଙ୍କ ପ୍ରଯୋଜନା, ନିର୍ଦ୍ଦେଶନା ଓ ସଙ୍ଗୀତ ନିର୍ଦ୍ଦେଶନାରେ ଚଳଚ୍ଚିତ୍ର 'ଧଉଳି ଏକ୍ସପ୍ରେସ୍' ୨୦୦୫ ମସିହାରେ ପରଦା ଉପରକୁ ଆସି ବହୁ ଜନାଦୃତ ହୋଇଥିଲା । ଚଳଚ୍ଚିତ୍ରର ଅଧିକାଂଶ ଗୀତର ସ୍ରଷ୍ଟା ଓ ସୁରକାର ଥିଲେ ନିଜେ ଚିତ୍ତରଞ୍ଜନ ତ୍ରିପାଠୀ ।

" ଦୂର ତାଳ ବଣେ ବାଇଆ ବଧୂର ବସା
ପ୍ରେମ ନଗରରେ, ପ୍ରେମ ନଗରରେ, ପ୍ରେମ ନଗରରେ
ଏତେ ହସ ଲୁହ ରାଗ ରୁଷା ପ୍ରେମ ବାଇଆ ବଧୂର-ବସା
କୁନି କୁନି ସପନରେ ତୁନି ତୁନି କାହାଣୀରେ
ଦେହ ଜଳେ ଶ୍ରାବଣରେ, ଶୀତ ଲାଗେ ବୈଶାଖରେ ।
ଲାଜେଇ ଫୁଲର ନିତି ଅଳି ସାଥେ ଉଠାବସା । "



୨୦୧୦ ମସିହାରେ ମୁକ୍ତି ଲାଭ କରିଥିଲା ଚଳଚ୍ଚିତ୍ର 'ମୁଁ କ'ଣ ଏତେ ଖରାପ' । ଏହି ସିନେମାର ଗୀତଟିଏ ବେଶ୍ ପ୍ରଶଂସା ସାଉଁଟିଥିଲା । ଯେଉଁ ଗୀତର ଗୀତିକାର ଥିଲେ ଦେବଦାସ ଛୋଟରାୟ, ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରିଥିଲେ ସୁବାସ ଦାସ, କରୁଣାକର ଓ ଶ୍ରୀଚରଣ ମହାନ୍ତି । ଗୀତଟିରେ ମଧ୍ୟ 'ଶୀତ' ଶବ୍ଦଟି ବ୍ୟବହୃତ ହୋଇଥିଲା ।

" ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ହାତ ଧରାଧରି
ଆଜିଠାରୁ ବସିବା ମିତ ।
ରାତି ସରିଗଲେ ଦୀପ ଲିଭିଗଲେ
ଆମ ଘରେ ଆସେ ନୂଆ ସକାଳ
ଖରା ବରଷାରେ ଗରମ ଶୀତରେ
ଆମ ଘରେ ଲାଗେ ବେଶୀ ଗହଳ । "




'ଶୀତ' ଉପରେ ବହୁ ଆଧୁନିକ ଗୀତ ଆକାଶବାଣୀ, ଦୂରଦର୍ଶନ, ଆଲ୍‌ବମ୍‌ରେ ପ୍ରସାର ହୋଇ ଲୋକପ୍ରିୟତା ହାସଲ କରିଛି । ଷାଠିଏ ଦଶକରେ ଅକ୍ଷୟ ମହାନ୍ତି ଓ ଗୀତିକାର ଦେବଦାସ ଛୋଟରାୟଙ୍କର ବହୁ ଆଧୁନିକ ଓ ପଲ୍ଲୀଗୀତ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହୋଇ ଲୋକପ୍ରିୟତାର ଶୀର୍ଷ ସ୍ଥାନରେ ପହଞ୍ଚିଥିଲା ।


ସେହିପରି ଏକ ଗୀତର ମୁଖଡ଼ା ନିମ୍ନରେ ଦିଆଯାଇଛି ।

" ଖରାଦିନେ ଶୀତ ହେଲା କନକନିଆ
ସଜନୀ ତୋ ଛଇ ଛଟା ଦେଖି କରି ମନ ହେଲା ବଡ଼ ଛାନିଆ
ଆହା ମୋର କଷି କନିଆ...ଆହା ମୋର କଷି କନିଆ..."




ଗୀତିକାର ଦେବଦାସ ଛୋଟରାୟଙ୍କର ଏହି ଗୀତକୁ ନେଇ ଆକାଶବାଣୀରେ ଗାୟନ କରିଥିଲେ ଅକ୍ଷୟ ମହାନ୍ତି ଓ ପରବର୍ତ୍ତୀ କାଳରେ ସେହି ସମାନ ସ୍ୱରରେ ଏକ ବଙ୍ଗାଳି ଗୀତବି ଗାଇଥିଲେ, ଯେଉଁଥିରେ କି ବଙ୍ଗାଳିମାନେ ଗୀତଟିର ବଡ଼ ପ୍ରଶଂସକ ହୋଇଯାଇଥିଲେ । ସାର୍ଥକ ମ୍ୟୁଜିକ୍ ଦ୍ୱାରା ପ୍ରଯୋଜିତ ଆଲ୍‌ବମ୍ 'ସ୍ମୃତି' ୨୦୧୬ ମସିହାରେ ପ୍ରସାରିତ ହୋଇଥିଲା । ଆଲ୍‌ବମ୍‌ର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଶରତ ନାୟକ । ସେଥିରେ ଥିଲା ଏକ ହୃଦୟସ୍ପର୍ଶୀ ଗୀତ । ଗୀତଟି ହେଲା:-

" ସ୍ମୃତି କେବେ ଶୀତ ସକାଳର କଅଁଳ ଖରାର ତାତି
କେବେ ଧାରା ଶ୍ରାବଣର ଝଡ଼ ବତାସର କଳା କିଟିମିଟି ରାତି । "



ଗୀତଟିର ଗୀତିକାର ଥିଲେ ଦେବୀଦତ୍ତ ମହାନ୍ତି ଓ କଣ୍ଠଦାନ କରିଥିଲେ ରତିକାନ୍ତ ଶତପଥୀ । ୟୁଟ୍ୟୁବ୍‌ରେ ବର୍ତ୍ତମାନ ସୁଦ୍ଧା ୧୯ ଲକ୍ଷ ୫୬ ହଜାର ୬୮୦ ଜଣ ଲୋକ ଏହି ଗୀତଟିକୁ ଶୁଣି ସାରିଲେଣି । ଆଲବମ୍ 'ତୁମ ବିନା କେତେ ଦିନ' ଡ.ଗାୟତ୍ରୀ ପାଢ଼ୀଙ୍କ ଦ୍ୱାରା ପ୍ରଯୋଜିତ ଓ ତାଙ୍କ ଗୀତିକଥା 'ଶୀତ ଏକ ଛିଟ ପାରା ଦିଏ ନାହିଁ ଧରା'ରେ କଣ୍ଠଦାନ କରିଥିଲେ ସୁଗାୟିକା ସୋହିନୀ ମିଶ୍ର ଓ ଧୃତିଦୀପା ପଟ୍ଟନାୟକ । ସଙ୍ଗୀତରେ ସଜାଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ । ୨୦୧୨ ମସିହାରେ ଆଲବମ୍‌ଟି ପ୍ରସାରିତ ହୋଇଥିଲା ଓ ଖୁବ୍ ଜନାଦୃତି ଲାଭ କରିଥିଲା । ୨୦୧୬ ମସିହାରେ ସାବିତ୍ରୀ ମ୍ୟୁଜିକ୍ ଦ୍ୱାରା ପ୍ରସ୍ତୁତ 'ସେଇ ଶୀତ ସକାଳ' ଆଲବମ୍ ପ୍ରସାରିତ ହୋଇଥିଲା ଯାହାର ସଙ୍ଗୀତ ନିର୍ଦ୍ଦେଶନାରେ ଥିଲେ ଶରତ ନାୟକ ଓ ଗୀତିକାର ଥିଲେ ଅରୁଣମନ୍ତ୍ରୀ ଓ କଣ୍ଠଶିଳ୍ପୀ ଥିଲେ କରୁଣାକର । ଗୀତଟି ଥିଲା :-

" ସେଇ ଶୀତ ସକାଳ ସେଇ ସୋରିଷଫୁଲ
ସେଇ ଆମ୍ବ ବଉଳ ସେଇ ବର ଓହଳ
ସେଇ ଝିପିଝିପି ବର୍ଷା, ସେଇ କାଦୁଅର ରାସ୍ତା
ସାଥୀରେ...ସାଥୀରେ... ସାଥୀରେ- ଚାଲ ଯିବା ଗାଁ'କୁ ଫେରି । "

ବର୍ତ୍ତମାନ ସୁଦ୍ଧା ଏହି ଗୀତକୁ ୟୁଟ୍ୟୁବ୍‌ରେ ୨୪ ଲକ୍ଷ ଲୋକ ଶୁଣି ସାରି ଉଚ୍ଛ୍ୱସିତ ପ୍ରଶଂସା କରି ସାରିଲେଣି ।

ଗୀତିକାର ମନୋଜ ମହାନ୍ତିଙ୍କ ଗୀତିକଥାରେ 'ଶ୍ୱେତପଦ୍ମା ମ୍ୟୁଜିକ୍' ଦ୍ୱାରା ପ୍ରସ୍ତୁତ ଆଲବମ୍‌ରେ ସଙ୍ଗୀତ ନିର୍ଦ୍ଦେଶକ ସୀତାଂଶୁ ରାଉତ ଓ କଣ୍ଠଦାନ କରିଥିଲେ ରାଜୀବ ମହାପାତ୍ର । ଗୀତଟି ଏହିପରି ଥିଲା:-

" ଶୀତ ଆସେ ବୋହୂ ହୋଇ କୁହୁଡ଼ିର ସବାରୀରେ
ରୁପା ରାତି ମହକଇ ସପନର ଅଭିସାରେ । "

ସ୍ୱନାମଧନ୍ୟ ଓଡ଼ିଆ ଗୀତିକବି ଶିବବ୍ରତ ଦାସଙ୍କର ଗୀତିକଥାରେ ବହୁ ସଙ୍ଗୀତ ଶିଳ୍ପୀ ତାଙ୍କ ଲିଖିତ ନିମ୍ନସ୍ଥ ଗୀତକୁ ଗାୟନ କରି ପ୍ରଶଂସା ସାଉଁଟିଛନ୍ତି:-

" ଶୀତ ଶିରିଶିରି କୋହଲା ପରି
ତାର ଧିରି ମନ ଚହଲା ଚାଲି
ରଙ୍ଗ ଟୁହୁ ଟୁହୁ ମାଣିକ ସରି
ଝରି ପଡୁଥିଲା ଓଠର ନାଲି । "

ଗୀତିକାର କୁଳମଣି ବିଶ୍ୱାଳଙ୍କ ପ୍ରସ୍ତୁତ 'ଋତୁଚକ୍ର' ସି.ଡି.ରେ ସୁଗାୟିକା ସୁସ୍ମିତା ଦାସ ଓ ଅଭିଜିତ୍ ମିଶ୍ରଙ୍କ କଣ୍ଠଦାନ ଓ ଓମ୍ ପ୍ରକାଶ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଶୀତ ଉପରେ ଏହି ଗୀତଟି ଶ୍ରୋତାଙ୍କ ଦ୍ୱାରା ବହୁ ଆଦର ପାଇଥିଲା ।

" ଏମିତି ଏ ଶୀତରାତି ଅପଲକେ ଯାଏ ବିତି
ତମ ପାଖେ ନାହିଁ ସାଥି ଛାତି ମୋ ହୁଏ କରତି । "

ଶୀତକୁ ନେଇ ଓଡ଼ିଆରେ ଏମିତି ଅନେକ ଗୀତ ରହିଛି । ଯାହା ଶ୍ରୋତାମାନଙ୍କ ହୃଦୟକୁ ଛୁଇଁ ପାରିଛି । ■



ପ୍ଲଟ୍ ନଂ-୨୭୫, ଭଗବାନପୁର
ଭୁବନେଶ୍ୱର, ମୋ: ୯୪୩୭୩୫୫୬୪୬





# କବି ଲେଖନୀରେ ‘ଶୀତ’



ଶିଶିର ବେହେରା


**ସମଗ୍ର ପୃଥିବୀକୁ ଅମୃତମୟ କରିତୋଳିଛି ଅନନ୍ତ ପ୍ରକୃତି । ଶଶାଗରାଧରା ସେହି ପ୍ରକୃତିର ଅସୁମାରୀ ସୌନ୍ଦର୍ଯ୍ୟରେ ଯେମିତି ଔଜ୍ଜ୍ୱଲ୍ୟମୟ, ତା’ର ଦିବ୍ୟ ସୁଷମା ଓ ପ୍ରାକୃତିକ ଶୋଭା ସମ୍ପଦରେ ସେହିପରି ଜଡ଼ଠାରୁ ଚେତନ ସକଳେ ବିଭାନ୍ୱିତ । ଷଡ଼ଋତୁ, ବାରମାସର ଆବର୍ତ୍ତନ ଜୀବଜଗତ ପାଇଁ ଆଣିଦେଇଛି ନାନା ସମ୍ଭାବନା ଓ ସ୍ୱୀକୃତି । ଏହି ଋତୁଚକ୍ର ସହିତ ଜୀବଜଗତର ଗତି ନିୟନ୍ତ୍ରିତ ହୁଏ । ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ କ୍ରମରେ ଗୋଟିକ ପରେ ଗୋଟିଏ ହାତ ଧରାଧରି ହୋଇ ଜଗତ-ଅଗଣାକୁ ଓହ୍ଲାଇ ଆସନ୍ତି । ଯାହାର ପ୍ରଭାବରେ ଜୀବନ ଓ ଜଗତ ହୁଏ ମଧୁମୟ । ଏହି ବିବିଧବର୍ଣ୍ଣା ପ୍ରକୃତିକୁ ଆଙ୍କିବାକୁ ଅନାଇ ରହନ୍ତି କବି-ଲେଖକଗଣ ସୃଜନ-ତୂଳୀଧରି । କବିର ସେହି ନୈସର୍ଗିକ ବର୍ଣ୍ଣନା ସହିତ ଋତୁମାନଙ୍କର ବୈଶିଷ୍ଟ୍ୟ ଓ ପରିଚୟରେ ଆହ୍ଲାଦିତ ହୁଅନ୍ତି ପାଠକ, ଭାବୁକ , ରସିକ ।**

ସବୁ ଋତୁ ଭିତରେ ଧରାବତରଣ କରେ ଶୀତଋତୁ । ହିମକାଳ, ଶିଶିର ଋତୁ ଭାବରେ ଏହାର ପରିଚୟ ମଧ ରହିଛି । ଓଡ଼ିଆ କାବ୍ୟକବିତାରେ କବିମାନେ ଏହି ଶୀତ ଋତୁକୁ ସୁକୁମାର ଅନୁଭୂତିପୂର୍ଣ୍ଣ ବର୍ଣ୍ଣନା ବିଳାସରେ ଉତ୍କୀର୍ଣ୍ଣ କରାଇଛନ୍ତି । ପ୍ରେମ, ବିରହ, ଆତ୍ମିକ ସାନ୍ନିଧ ଓ ମାନବୀୟ ଭାବ ଆଦି ନାନାବିଧ ପ୍ରତୀକ ଭାବରେ ଏହି ଋତୁ ପ୍ରଦର୍ଶିତ ହୋଇଛି ପ୍ରାଚୀନରୁ ଆଧୁନିକ କବିତା ପର୍ଯ୍ୟନ୍ତ ।

ପ୍ରାଚୀନ ସାହିତ୍ୟ ଓ ପୁରାଣ ଗ୍ରନ୍ଥଗୁଡ଼ିକରେ ଶୀତ ଋତୁର ବର୍ଣ୍ଣନା ଦେଖିବାକୁ ମିଳେ । ସାରଳା ମହାଭାରତ, ଭାଗବତ, ଦାଣ୍ଡୀ ରାମାୟଣରେ ହିମକାଳର ପରିଚୟ ମିଳେ । ‘ସାରଳା ମହାଭାରତ’ରେ ପୌଷରୁ ପକ୍ଷେ ମାଘ ମାସେ ଏବଂ ଫାଲ୍‌ଗୁନ ପକ୍ଷେ ସଂଯୁକ୍ତ ହେଲେ ଶିଶିର ଋତୁ ହୁଏ ବୋଲି ବର୍ଣ୍ଣିତ । ମାଘ ଓ ଫାଲ୍‌ଗୁନ ମାସରେ ରାତ୍ରିରେ ହେମ ବର୍ଷା ହୁଏ ଏବଂ ଅତ୍ୟଧିକ କୁହୁଡ଼ି ହୋଇ ପଦ୍ମବନ ବିନଷ୍ଟହେବାର ପ୍ରସଙ୍ଗ ବର୍ଣ୍ଣିତ । ଯଥା-“ପଦ୍ମ ବିଙ୍ଗସିତ ଯେ ଶିଶିର ଋତୁକାଳେ ।” ସେହିପରି ଭକ୍ତକବି ଦୀନକୃଷ୍ଣ ତାଙ୍କ ‘ରସକଲ୍ଲୋଳ’ କାବ୍ୟରେ ଶିଶିରର ବର୍ଣ୍ଣନା ବେଶ୍ ଉଦ୍ଦୀପନା ସୃଷ୍ଟି କରେ-

**“କିଛି ଘେନିକରି ତେଜ ସମ୍ପତ୍ତି/ କଲେ ସୂର୍ଯ୍ୟ ଦକ୍ଷିଣ ଦିଗେ ଗତି ।
କଲେ ଶୀତକୁ ଅଗ୍ନି ମହାଭୟେ / କଲେ ପୁରେପୁରେ କାନ୍ତି ଉଦୟେ ।
କଲେ ଆନନ୍ଦେ ଲୋକେ ତାଙ୍କୁ ସେବା / କେ ବୋଲଇ ଶୀତକୁ କି କରିବା ।
କହୁଁକହୁଁ ଜାଡ଼ ମାଡ଼ି ପଡ଼ିଲା / କମ୍ପି କାତରେ କେ କର ଯୋଡ଼ିଲା ।
କେହୁ ହୃଦରେ କରଯୁଗ ଛନ୍ଦେ / କଷ୍ଟେ ଶୀତକୁ ବଡ଼ କରି ନନ୍ଦେ ।
କେହି ଶୀତରେ ନତକଲା ତନୁ / କେହି ବିକଳେ ଲୋଡ଼େ ଚିତ୍ରଭାନୁ ।”**

‘ପରିମଳା’ କାବ୍ୟରେ କବି ନରସିଂହ ସେଣ ଶିଶିରର ଚମତ୍କାରିତାକୁ ଆଙ୍କିଛନ୍ତି ଅତ୍ୟନ୍ତ ମନୋଜ୍ଞଭାବରେ । ନାୟକର ବିରହାବସ୍ଥାକୁ ଆଙ୍କିଲା ବେଳେ କବି କହିଛନ୍ତି- “ଯେମନ୍ତେ ହିମ ବିନାଶ ଶିଶିର ଆସି ପ୍ରବେଶ/ ଥୋକାୟେ ନିଉନ ଗୀତ, ବୃକ୍ଷେ ଅସିତ ଯେ ।/ ଶିଶିର-ଅଗ୍ନି ପଡ଼ିଲା ନଳିନ ବନ ପୋଡ଼ିଲା/ କୁହୁଡ଼ି ଦିଶ ପୂରିଲା, ମହୀ ଫାଟିଲାଯେ ।” ସୂଚନାଯୋଗ୍ୟ, ରୀତିକାବ୍ୟଗୁଡ଼ିକରେ ଶୀତଋତୁର ଗୁରୁତ୍ୱ ଅନ୍ୟ ଅପେକ୍ଷା ଊଣା ହୋଇଯାଇଥିବାର ମନେହୁଏ । ତଥାପି ପ୍ରସଙ୍ଗ ଓ ପରିବେଶକୁ ଅଧିକ ମନୋଜ୍ଞ କରିବା ପାଇଁ କବିମାନେ ଶିଶିରର ସାହାରା ନେଇଛନ୍ତି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ‘ଲାବଣ୍ୟବତୀ’ରେ ଶିଶିରର ବର୍ଣ୍ଣନା ଦେଇ କହିଛନ୍ତି –“ଶିଶିର କାଳ କାଳ ପ୍ରାୟ ପ୍ରବେଶ ନାଶକଲା ପଦ୍ମିନୀକି/ ଦିନବନ୍ଧୁ ପରା ପତି ଥାଉଁ ବାଜେ ନଗର ପାଶେ ତହିଁକି ।” ସେହିପରି ‘ପ୍ରେମ ସୁଧାନିଧି’ରେ ବିରହ ସନ୍ତାପକୁ ଶିଶିର ମାଧମରେ ଦର୍ଶାଇଛନ୍ତି-“ରାମା ଶିଶିରେ ଘୋର ନିଶିରେ ଦୁଃଖରାଶିରେ ଭାସି / ଇସି ଏକାନ୍ତ ମାନସେ କାନ୍ତ ସ୍ୱରୂପ କାନ୍ତ ଘୋଷି ।”




ଶୀତର ଆଗମନରେ ପ୍ରକୃତିରେ ଦେଖାଦିଏ ପରିବର୍ତ୍ତନ, ନବ ରୂପଲାଭ କରେ ଧରଣୀ । ସୁଲୁସୁଲିଆ ଉତ୍ତରା ପବନ ସାଙ୍ଗକୁ ପାଚିଲା ଭୂଇଁ ବରକୋଳିର ବାସ୍ନା, ରାତିରେ ବନଭୂମିରେ ଶୃଗାଳ,ଭଲ୍ଲୁକର ରଡ଼ି, ସୋରିଷ ଫୁଲର ମନଲୋଭା କ୍ଷେତ ଓ ନଈପଠାରେ ଜାତିଜାତିକା ଫସଲର ମୁଗ୍ଧବିଭୋର ଛବି କବିଙ୍କୁ କବିତାକୁ ଆଚ୍ଛନ୍ନ କରିଛି । ଧୁତୁରାଫୁଲ, ଦଣ୍ଡୋପ୍ରଳ ଓ ଝୁମୁଝୁମିଆ ଫୁଲ, ସବୁ ଫୁଟି ପରିବେଶର ଶୋଭାକୁ ବହୁଗୁଣିତ କଲାବେଳେ କ୍ଷେତର ଫସଲକଟା ଏବଂ କୃଷକ ପରିବାରର ବ୍ୟସ୍ତ ଜୀବନ ମଧଦେଇ ଶୀତର ମହାତ୍ମ୍ୟ ପ୍ରକଟିତ ହୋଇଛି । ସେହିପରି ପର୍ବପର୍ବାଣି, ଓଷାବ୍ରତ, ମେଳା ମହୋତ୍ସବ, ଯାନିଯାତ୍ରା ଏହି ଶୀତକାଳକୁ ଅଧିକ ମହିମାନ୍ୱିତ କରିତୋଳିଛି । ମାଘସପ୍ତମୀର ମେଳା, ଖଣ୍ଡଗିରି ମେଳା, କୋଣାର୍କ-ଚନ୍ଦ୍ରଭାଗା ବୁଡ଼, ଶାମ୍ବଦଶମୀ, ବାଟଓଷା, ବଉଳ ଅମାବାସ୍ୟା, ପୁଷ୍ୟାଭିଷେକ, ଅଗ୍ନିଉତ୍ସବ,ମକରର ସଜବାଜ ସବୁକିଛି ଏହି ହିମଋତୁର ସ୍ୱାଦକୁ ମନେପକାଇ ଦିଏ । ଏହି ସବୁ ଦୃଶ୍ୟ ପଲ୍ଲୀକବି ନନ୍ଦକିଶୋର ବଳଙ୍କ କବିତାରେ ଅତି ଜୀବନ୍ତ ଭାବରେ ଫୁଟିଉଠିଛି । ତାଙ୍କର ବହୁ କବିତାରେ ପଲ୍ଲୀର ରୂପଚିତ୍ର ପ୍ରଦର୍ଶନ ଭିତରେ ମଣିଷର ବାସ୍ତବ ଜୀବନକୁ ଆଙ୍କିଛନ୍ତି କବି । ତାଙ୍କ ଶୀତଋତୁରେ ଫସଲକଟା ଓ କୃଷକ ରାତ୍ରି ଉଜାଗର, ଶସ୍ୟ ଅମଳ, ବାଆପୁଆଣି ଆଦି ଗୁରତ୍ୱ ପାଇଛି । ‘ପଲ୍ଲୀଚିତ୍ର’ର ଶୀତ କବିତାରେ କବି କହିଛନ୍ତି-

**“ହେମନ୍ତର ଶେଷ ମାର୍ଗଶିର ପୌଷେ, ପାଚଇ ଶାରଦ ଧାନ
ନିଶି ଅର୍ଦ୍ଧଯାମେ ଦଣ୍ଡୁଆସି ଆସି ଡାକେ, ଅତରା ପଡ଼ଇ କାନ ।”**

ଆଧୁନିକ କବି ଲେଖନୀରେ ଶିଶିର ବିଶେଷ ବିନୋଦନ ଆଣିପାରି ନାହିଁ । ତଥାପି କବିମାନେ ପ୍ରସଙ୍ଗକ୍ରମେ ଏହାକୁ ସ୍ଥାନିତ କରିଛନ୍ତି । କବି ଚନ୍ଦ୍ରମୋହନ ମହାରଣାଙ୍କ ତୁଷାରମୟୀ ଶିଶିରରଜନୀ ଧଳା ଭସ୍ମବୋଳା ତପସ୍ୱୀ ମହିଳାଙ୍କ ରୂପ ନେଇ ଉଭା ହୋଇଛି ଶିଶିରପାତରେ କମଳିନୀ ବନର ହତଶ୍ରୀକୁ ବିଧବା ନାରୀର ଭୂଷଣ ସହିତ ସେ ତୁଳନା କରିଛନ୍ତି- “କମଳିନୀ ବନ ଲଭିଲା ନିଧନ/ ଶିଶିର ପରଶେ ପୋଡ଼ିଣ,/ ଦିଶେ ହତଶିରୀ,ସରସୀ ଯେପରି/ ବିଧବାଭୂଷଣ ବିହୀନ ।” ଭକ୍ତକବି ମଧୁସୂଦନ ରାଓ ଶୀତରାତିର ଦୃଶ୍ୟକୁ ଆଙ୍କିଛନ୍ତି ଆବେଗିକ ଶୈଳୀରେ –

**“ହିମେ କାର୍ତ୍ତିକ ମାର୍ଗଶିର / ରାତିରେ ପଡ଼ଇ ଶିଶିର ।
ଶୀତରେ ପୌଷ ମାଘ ମାସ/ ଦେହରେ ରଖ ଶୀତ ବାସ ।”**

ସେହିପରି କବି ତାଙ୍କର ଶିଶୁଗୀତ, ଛାନ୍ଦମାଳା, ଶିଶିର କବିତାରେ ଶୀତର ପରିଚୟ ଦେଇଛନ୍ତି । ହେମନ୍ତ ଋତୁପରେ ଶୀତର ଆଗମନକୁ ସ୍ୱାଗତ କରି କହିଛନ୍ତି- “ଚାହୁଁଚାହୁଁ ହେଲା ହେମନ୍ତ ପରିଣତ ଶିଶିରେ/ ଘୋର ଜାଡ଼ ମାଡ଼ି ପଡ଼ିଲା କହୁଁ କହୁଁ ମହୀରେ ।/ ଧନବନ୍ତ ଜନେ ଅଙ୍ଗରେ ଶତବସ୍ତ୍ର ବହିଲେ/ ଦରିଦ୍ରେ ଭାଗ୍ୟକୁ ଆଦରି ଶୀତକଷ୍ଟ ସହିଲେ ।” କବି ଗଙ୍ଗାଧର ମେହେରଙ୍କ ‘କୀଚକ ବଧ’ରେ “ଶିଶିର ନାଶଇ ପଦ୍ମିନୀ ଘନ ରବିଙ୍କି ଗ୍ରାସେ” ଏବଂ ‘କୃଷକ ସଙ୍ଗୀତ’ର କୃଷିର ଗୌରବରେ “ରହିବାରୁ ମାନବ କୃଷି ଆଶା କରି/ ଘରକଲା ନିର୍ମାଣ ତେଜି ଗିରି ଦରୀ” ଭିନ୍ନସ୍ୱାଦ ଆଣିଦିଏ । ପୁନଶ୍ଚ ମାୟାଧର ମାନସିଂହଙ୍କ ‘ବିଭୁ ଓ ପ୍ରକୃତି’,ଗୋଦାବରୀଶ ମହାପାତ୍ରଙ୍କ ‘ଶିଶିର’, ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ‘ଶିଶିର’, କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ‘ପୌଷପବନ’, ‘ବିରହିଣୀ’, ‘ଯାତ୍ରସଙ୍ଗୀତ’, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ‘ଶିଶିର ହାସ୍ୟ’, ରାଧାମୋହନ ଗଡ଼ନାୟକଙ୍କ ‘ଲକ୍ଷ୍ମୀପୌଷ’ ପ୍ରଭୃତି କବିତାରେ ଶୀତଋତୁକୁ ପାଠକେ ଅନୁଭବ କରନ୍ତି । ସେହିପରି କବି କୁନ୍ତଳାକୁମାରୀ ସାବତ, ସଚ୍ଚି ରାଉତରାୟଙ୍କଠାରୁ ସାଂପ୍ରତିକ କାଳର ବହୁ କବିଙ୍କ ଲେଖନୀରେ ଶୀତଋତୁ ସ୍ଥାନ ପାଇଛି । ଭିନ୍ନ ଆବେଦନ ଓ ପ୍ରତୀକ ହୋଇ ତାହା କବିତାର ଅଙ୍ଗସଜ୍ଜାରେ ତାହା ବିଶ୍ଳେଷିତ ହୋଇଅଛି । ■






ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା







# ଶୀତ ଫେଶନ୍

ଋତୁ ଅନୁଯାୟୀ ଫେଶନ୍ ଟ୍ରେଣ୍ଡରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ସେହିପରି ଏବେ ଶୀତକୁ ନେଇ ଫେଶନ୍‌ରେ ପରିବର୍ତ୍ତନ ଦେଖାଯାଉଛି । ଏବର ଯୁବପିଢ଼ି ଶୀତବସ୍ତ୍ର ପିନ୍ଧି ଶରୀରକୁ ଉଷୁମ କରିବା ସହ ଷ୍ଟାଇଲ୍‌କୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଭଳିକି ଭଳି ଶୀତବସ୍ତ୍ରଠୁ ନେଇ, ମଫ୍‌ଲର, ଷ୍ଟଲ୍, ସୁଜ୍, ସ୍ୱେଟର ଆଦି ପିନ୍ଧି ବହୁ ପରୀକ୍ଷା ନିରୀକ୍ଷା କରିଥାନ୍ତି । ସେହିପରି ଏବେ ବଜାର, ସପିଂମଲ୍ ଆଦିରେ ବିଭିନ୍ନ ପ୍ରକାର ଶୀତବସ୍ତ୍ର ଉପଲବ୍ଧ ହେଲାଣି । କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ଇନ୍‌ଫ୍ଲୁଏନ୍‌ସର୍‌ମାନେ ଶୀତଦିନିଆ ଫେଶନ୍ ଆଉଟ୍‌ଫିଟ୍ ପୋଷ୍ଟ କରୁଛନ୍ତି । ତେବେ ଶୀତ ଫେଶନ୍‌ରେ ଟ୍ରେଣ୍ଡରେ ଥିବା କେତେକ ଶୀତବସ୍ତ୍ରକୁ ନେଇ ଏହି ଉପସ୍ଥାପନା ।



## ଟ୍ରେଣ୍ଡରେ ରାବିଟ୍ ଇୟର୍

ବର୍ତ୍ତମାନର ଯୁବପିଢ଼ି ପାରମ୍ପରିକ ବଦଳରେ ଆଧୁନିକ ଜିନିଷ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ତେବେ ବଢୁଥିବା ଶୀତକୁ ଦୃଷ୍ଟିରେ ରଖି ଏବେ ଚାହିଦାରେ ରହିଛି ରାବିଟ୍ ଇୟର୍ ରହିଛି । ସକାଳ ହେଉ ଅବା ସଞ୍ଜ, ପିଲାଠୁ ନେଇ ବୟସ୍କ ଏବେ ସଭିଙ୍କ କାନରେ ଏହା ଦେଖିବାକୁ ମିଳୁଛି । ତେବେ ଏହା ସାଧାରଣ ମଫଲର୍‌ଠାରୁ ଭିନ୍ନ ହୋଇଥାଏ । ଏହା ପିନ୍ଧିବାକୁ ଆରାମଦାୟକ ଲାଗିବା ସହ ଶୀତରୁ ସୁରକ୍ଷା ଦେଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ମିଳିଥାଏ । ତୁଳାରେ ନିର୍ମିତ ଏହି ରାବିଟ୍ ଇୟର୍ ହେଡ୍‌ଫୋନ୍ ଭଳି ହୋଇଥାଏ । ଏଥିରୁ ଦୁଇଟି ଫିତା ଓହଳି ଥାଏ । ଏହାକୁ ଦବାଇଲେ ଏହି ଠେକୁଆ କାନ ଉପରକୁ ଉଠିଥାଏ । ଏହା ପୁଅଝିଅ ଉଭୟଙ୍କ ପାଇଁ ମିଳୁଥିଲେ ହେଁ, ମହିଳାଙ୍କ ମଧ୍ୟରେ ଏହା ବେଶ୍ ଲୋକପ୍ରିୟ । ସେହିପରି ଛୋଟ ପିଲାଙ୍କର ମଧ୍ୟ ପସନ୍ଦ ପାଲଟିଛି ।

## କାଶ୍ମୀର ଷ୍ଟଲ୍‌ରୁ ଆଧୁନିକ ଲୁକ୍

ଇଣ୍ଡିଆନ୍ ହେଉ ଅବା ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ଶୀତଦିନେ ମହିଳାମାନେ ସବୁ ଆଉଟ୍‌ଫିଟ୍‌ରେ ଷ୍ଟଲ୍ ପକାଇବାକୁ ପସନ୍ଦ କରନ୍ତି । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ଏହା ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ବିଶେଷ କରି ପଶ୍‌ମିନା, କାଶ୍ମୀର ଷ୍ଟଲ୍‌ର ଅଧିକ ଚାହିଦା ରହିଛି । ଏହା ସ୍କୁଲ, କଲେଜ ଛାତ୍ରୀଙ୍କଠାରୁ ଆରମ୍ଭ କରି ବିବାହିତା ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ ।

## ଉଲେନ୍ କୋର୍ସେଡ୍


ନାଇଟ୍‌ସୁଟ୍ ଭଳି ଏବେ ଉଲେନ୍ କୋର୍ସେଡ୍‌ର ଖୁବ୍ ଚାହିଦା ରହିଛି । ଯୁବତୀମାନେ ଏହାକୁ ଘରପିନ୍ଧା ସହ ବାହାରକୁ ପିନ୍ଧିଯାଇଥାନ୍ତି । ଏହା ଶୀତରୁ ସୁରକ୍ଷା ଦେବା ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏହା ବିଭିନ୍ନ ଡିଜାଇନ୍ ଓ ରଙ୍ଗର ଉପଲବ୍ଧ । ସେହିପରି ଶୀତଦିନେ ପିକ୍‌ନିକ୍ କିମ୍ବା କୌଣସି ସ୍ଥାନକୁ ବୁଲିବାକୁ ଯାଉଥିଲେ ଏହି କୋର୍ଡସେଟ୍ ପିନ୍ଧି ପାରିବେ । ଏହା ଆରାମଦାୟ ହେବା ସହ ଟ୍ରାଭେଲ୍ ଫ୍ରେଣ୍ଡଲି ମଧ୍ୟ ହୋଇଥାଏ ।

## ସ୍ୱେଟ୍ ସାର୍ଟ

ଅଧିକାଂଶ ମହିଳା ଓଜନିଆ ତଥା ବଡ଼ ଜ୍ୟାକେଟ୍ ପିନ୍ଧିବାକୁ ପସନ୍ଦ କରନ୍ତିନି । ଏଥିପାଇଁ ଏବେ ଲୋକପ୍ରିୟ ହେଉଛି ସ୍ୱେଟ୍ ସାର୍ଟ । ମହିଳାଙ୍କ ପସନ୍ଦ ଅନୁଯାୟୀ ବିଭିନ୍ନ ଡିଜାଇନ୍ ତଥା ବିଭିନ୍ନ ମ୍ୟାଟେରିଆଲ୍‌ର ଏହା ଉପଲବ୍ଧ । ଏହା ବିଶେଷ କରି ଜିନ୍ସ ସହ ଭଲ ମାନିଥାଏ । ଏହାକୁ ଟପ୍ସ ଭଳି ସହଜରେ ପିନ୍ଧି ହୁଏ । ଏହା ଆରାମ ଦେବା ସହ ଶୀତରୁ ସୁରକ୍ଷା ଦେଇଥାଏ । ମେଳା, ମହୋତ୍ସବ, ପିକ୍‌ନିକ୍‌ରେ ଅଧିକାଂଶ ମହିଳା ଏହା ପିନ୍ଧିବାକୁ ପସନ୍ଦ କରୁଛନ୍ତି ।

## ପାଦକୁ ଉଷୁମ, ଉଲେନ୍ ସ୍ଲିପର୍

ଶୀତରୁ ଶରୀର, କାନ, ମୁଣ୍ଡ, ହାତ ଭଳି ପାଦକୁ ମଧ୍ୟ ସୁରକ୍ଷା ଦେବାକୁ ପଡ଼ିଥାଏ । ଶୀତଦିନେ ବାହାରକୁ ଗଲେ, ଲୋକେ ଜୋତା, ବୁଟ୍ ଆଦି ପିନ୍ଧନ୍ତି । ହେଲେ କୁଆଡ଼େ ନ ଯାଇ ଘରେ ରହିଲେ ମଧ୍ୟ ପାଦଗୁଡ଼ିକ ବରଫ ଭଳି ଥଣ୍ଡା ହୋଇଯାଏ । ତେଣୁ ପାଦକୁ ଅତ୍ୟଧିକ ଥଣ୍ଡାରୁ ସୁରକ୍ଷିତ କରିବା ପାଇଁ ଏବେ ବଜାରରେ ଭଳିକି ଭଳି ଉଲେନ୍ ସ୍ଲିପର୍ ଉପଲବ୍ଧ । ଏହାକୁ ଅଧିକାଂଶ ଯୁବପିଢ଼ି ଘରେ ଥିବାବେଳେ ପିନ୍ଧନ୍ତି ।



## ଲେଦର୍ ଜାକେଟ୍

ବର୍ତ୍ତମାନ ସମୟରେ ଲେଦର୍ ଜାକେଟ୍ ଲୋକପ୍ରିୟ ରହିଛି । ଏହାକୁ ଡେନିମ୍ ଜିନ୍ସ ସହ ଧଳା ନଚେତ୍ କଳା ରଙ୍ଗ ସାର୍ଟ ସହ ପିନ୍ଧି ପାରିବେ । ଏହା ଷ୍ଟାଇଲିଶ୍ ଦେଖାଯିବା ସହ ଶୀତରୁ ସୁରକ୍ଷା ଦେଇଥାଏ । ସେହିପରି ଆଉଟିଂରେ ଗଲେ ଏ ପ୍ରକାର ଜାକେଟ୍ ନେବା ସୁବିଧାଜନକ ହୋଇଥାଏ । ଏହା ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ ରହିଛି ।

## ହାପ୍ ଜାକେଟ୍

ଶୀତ ଫେଶନ୍‌ରେ ହାପ୍ ଜ୍ୟାକେଟ୍ ଟ୍ରେଣ୍ଡରେ ରହିଛି । ଏହାକୁ ଟର୍ଟଲ୍ ନେକ୍ ସ୍ୱେଟର୍ ସହ ପିନ୍ଧିଲେ ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ । କିନ୍ତୁ ସ୍ୱେଟର ଏବଂ ଜ୍ୟାକେଟ୍‌ର ରଙ୍ଗ ଦୁଇଟି ଯାକ ଭିନ୍ନ ହେବା ଆବଶ୍ୟକ । ଏହି ଜାକେଟ୍ କଳା, ଧଳା, ଗୋଲାପି, ନୀଳ ଭଳି ରଙ୍ଗର ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ । ଏହାକୁ ବୟସ୍କ ଯୁବପିଢ଼ି ସବୁ ବର୍ଗର ଲୋକମାନେ ପିନ୍ଧିପାରିବେ ।



## ଗ୍ଲୋଭସ୍

ଶୀତରୁ ହାତକୁ ସୁରକ୍ଷା ଦେବା ସହ ଷ୍ଟାଇଲିଶ୍ ପାଇଁ ଉଭୟ ମହିଳା ଓ ପୁରୁଷ ଭଳିକି ଭଳି ଗ୍ଲୋବସ୍ ପିନ୍ଧିବାର ଦେଖିବାକୁ ମିଳୁଛି । ଏହା ଉଭୟ ଲେଦର୍ ଏବଂ ତୁଳାରେ ଉପଲବ୍ଧ । ଏହାକୁ ଲୋକେ ନିଜ ପସନ୍ଦ ଅନୁସାରେ କ୍ରୟ କରୁଛନ୍ତି । ପୁଅମାନେ ହାପ୍ ଗ୍ଲୋଭସ୍ ପିନ୍ଧିବାକୁ ପସନ୍ଦ କରୁଥିବାବେଳେ, ମହିଳାମାନେ ତୁଳାଲଗା ଫୁଲ୍ ଗ୍ଲୋଭସ୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି ।

## ଉଲେନ୍ କୁର୍ତ୍ତୀ

ଶୀତଦିନେ ଶରୀରକୁ ଉଷୁମ ରଖି ଷ୍ଟାଇଲିଶ୍ ଲୁକ୍ ପାଇଁ ଏବେ ମହିଳାମାନେ ଉଲେନ୍ କୁର୍ତ୍ତୀ ପିନ୍ଧୁଛନ୍ତି । ଏହା ସୁନ୍ଦର ଦିଶିବା ସହ ଖୁବ୍ ଆକର୍ଷଣୀୟ ଦେଖାଯାଏ । ଏଥିସହ ଶୀତରୁ ମଧ୍ୟ ସୁରକ୍ଷା ଦେଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଉପଲବ୍ଧ ହୋଇଥାଏ । ଏଥିସହ ଏହା ଉଭୟ ହାଇନେକ୍ ଏବଂ ରାଉଣ୍ଡ ନେକ୍ ଡିଜାଇନର ଥାଏ । ■

ସକାଳ THE SAKALA
ସିନ୍ଦୁର
ରବିବାର
୨୧- ୨୭ ଡିସେମ୍ବର, ୨୦୨୫







## ରାସ୍ତାକଡ଼ରେ ଶସ୍ତାରେ ଶୀତ ପୋଷାକ

ଦୋକାନ ବଜାର ବ୍ୟତୀତ ବିଭିନ୍ନ ଛକରେ କିଛି ବ୍ୟବସାୟୀ ଖୋଲାରେ ଶୀତ ବସ୍ତ୍ର ଏବଂ କମ୍ବଳ ବିକ୍ରି କରୁଛନ୍ତି । ଭୁବନେଶ୍ୱରର ରସୁଲଗଡ଼, ଆଚାର୍ଯ୍ୟବିହାର, ରାମମନ୍ଦିର ଛକ, ସିଆର୍‌ପି, ଖଣ୍ଡଗିରି, ଆଇଗଣିଆ ଆଦି ସ୍ଥାନରେ ଏହି ବ୍ୟବସାୟୀ ଶୀତବସ୍ତ୍ରର ପସରା ମେଲାଇଛନ୍ତି । ଯେଉଁଠି ଜ୍ୟାକେଟର ଦାମ୍ ୩ ଶହରୁ ୪ ଶହ ଟଙ୍କାରେ ମିଳିଯାଉଥିବା ବେଳେ ପତଳା କମ୍ବଳ ୧୦୦ ଟଙ୍କାରେ ମିଳୁଛି । ବିଶେଷକରି ଏହାକୁ ସାଧାରଣ ଲୋକ କମ୍ ମୂଲ୍ୟରେ କିଣିବାକୁ ପସନ୍ଦ କରୁଛନ୍ତି ।

## ମଲ୍‌ରେ ଦାମୀ କମ୍ବଳ

ଶୀତବସ୍ତ୍ର ମେଳା ଏବଂ ବିଭିନ୍ନ ଛକରେ ମିଳୁଥିବା ଜ୍ୟାକେଟ ଓ କମ୍ବଳ ତୁଳନାରେ ମଲ୍‌ରେ ମିଳୁଥିବା ଏହି ଶୀତବସ୍ତ୍ରଗୁଡିକର ଦାମ୍ ସାଧାରଣଠୁ ଅଧିକ ରହିଥାଏ । ବର୍ତ୍ତମାନ ଶୀତ ଲହରୀ ସାଙ୍ଗକୁ ବଡ଼ ବଡ଼ ମଲ୍‌ରେ ମଧ୍ୟ ଦାମୀ କମ୍ବଳ ଓ ଜ୍ୟାକେଟ୍ କିଣିବାକୁ ଗ୍ରାହକଙ୍କ ଭିଡ଼ ଜମୁଛି । ଏଭଳି ସ୍ଥାନରେ ୨ ହଜାରରୁ ଆରମ୍ଭ କରି ୯ ରୁ ୧୦ ହଜାର ପର୍ଯ୍ୟନ୍ତ ବ୍ରାଣ୍ଡେଡ୍ କମ୍ପାନୀର କମ୍ବଳ ବିକ୍ରି ହେଉଛି । ରେମଣ୍ଡ, ୱେକଫିଟ, ଲା ଭର୍ନି ଏବଂ ଭାସ୍ କଲେକ୍ସନ ଇତ୍ୟାଦି ରହିଛି । ସେହିଭଳି ଲେଦର୍ ଜ୍ୟାକେଟ୍ ଏବଂ ସ୍ୱେଟର୍‌ର ଦାମ୍ ମଧ୍ୟ ଏଠାରେ ଅଧିକ ରହିଛି ।

ଚାରିଆଡ଼େ ଶୀତର ପ୍ରକୋପ । ସବୁଠି ପାରଦ ତଳ ମୁହାଁ । ଜାଡ଼ରେ ଥରୁଛି କନ୍ଧମାଳରୁ କରଞ୍ଜିଆ, ପଶ୍ଚିମରୁ ପୂର୍ବ । ଦିନକୁ ଦିନ ଶୀତ ବଢୁଥିବା ବେଳେ ଲୋକେ ଶୀତବସ୍ତ୍ର ବିନା ଘରୁ ଗୋଡ଼ କାଢ଼ି ପାରୁନାହାନ୍ତି । ଏହାରି ଭିତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଖୋଲିଥିବା ଶୀତବସ୍ତ୍ର ବଜାରରେ ଏବେ ଲୋକଙ୍କ ଭିଡ଼ ଜମୁଛି । ମାର୍କେଟଠୁ ଆରମ୍ଭ କରି ବଡ଼ ବଡ଼ ମଲ୍ ସବୁଠି ମେଲିଛି ଶୀତବସ୍ତ୍ରର ପସରା । ବିଭିନ୍ନ ପ୍ରକାରର ସ୍ୱେଟର, ଜ୍ୟାକେଟ୍ ସାଙ୍ଗକୁ କମ୍ବଳର ଭେରାଇଟି ବଜାରରେ ଖୋଜା ପଡୁଛି । ତେବେ ଏଇ ଶୀତରେ ଲୋକେ କେଉଁ ପ୍ରକାର ଶୀତବସ୍ତ୍ରକୁ ବେଶି ପସନ୍ଦ କରୁଛନ୍ତି ଓ କାହାର ଚାହିଦା ବେଶି, ତାହାକୁ ନେଇ ଏହି ରିପୋର୍ଟ ।

# ଶୀତରେ ପୌଷ-ମାଘ ମାସ, ଦେହରେ ରଖ ଶୀତ ବାସ

**ସଂପୂର୍ଣ୍ଣା ଦାସ, ଭୁବନେଶ୍ୱର**

## ଶୀତ ଫେଶନ୍‌ରେ ଗ୍ଲୋଭସ୍ ଓ ସକ୍ସ

ଶୀତ ଦାଉରୁ ରକ୍ଷା ତଥା ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ଉଭୟ ମହିଳା ଓ ପୁରୁଷ ହାତରେ ଗ୍ଲୋଭ୍‌ସ ସହ ପାଦରେ ସକ୍ସ ବା ମୋଜା ପିନ୍ଧିବାକୁ ପସନ୍ଦ କରୁଛନ୍ତି । ବିଶେଷକରି ଏସବୁ ଡିଜାଇନ୍ ଏବଂ ପ୍ରିଣ୍ଟର ବଜାରରେ ମଧ୍ୟ ମିଳିଯାଉଛି । ଦିନକୁ ଦିନ ଏହାର ଚାହିଦା ବି ବଢୁଛି । ମୁଖ୍ୟତଃ ବାଇକ୍ ଓ ସ୍କୁଟି ଚାଳକମାନେ ଅଧିକ ଖୋଜୁଛନ୍ତି । କାରଣ ଗାଡ଼ି ଚଳାଇବା ବେଳେ ହାତକୁ ଅଧିକ ଶୀତ ଲାଗିଥାଏ । ସେଥିପାଇଁ ଗାଡ଼ି ଚଳେଇବା ସମୟରେ ଯେଭଳି ଥଣ୍ଡା ନ ଲାଗିବ ଲୋକ ଏହାକୁ ପିନ୍ଧିବାକୁ ଭୁଲୁନାହାନ୍ତି । ଏହା ଉଭୟ ମାର୍କେଟ୍ ଏବଂ ଅନ୍‌ଲାଇନ୍‌ରେ ମିଳୁଛି । ■



## ଶୀତବସ୍ତ୍ର ବଜାରରେ ଭିଡ଼

ଶୀତକୁ ନଜରରେ ରଖି ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ମାର୍କେଟ, ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବାହାର ରାଜ୍ୟରୁ ବ୍ୟବସାୟୀମାନେ ଶୀତ ବସ୍ତ୍ରର ପସରା ମେଲାଇଛନ୍ତି । ତୀବ୍ବତୀୟ, ରାଜସ୍ଥାନୀ, ବଙ୍ଗାଳି ବେପାରୀମାନେ ଓଡ଼ିଶାର ବିଭିନ୍ନ ସହରକୁ ଯାଇ ଶୀତ ବସ୍ତ୍ରର ଷ୍ଟଲ ଖୋଲିଛନ୍ତି । ପ୍ରତିବର୍ଷ ସେମାନେ ନଭେମ୍ବର ପ୍ରଥମ ସପ୍ତାହରୁ ଆସି ଫେବୃଆରୀ ଶେଷ ପର୍ଯ୍ୟନ୍ତ ରହିଥାନ୍ତି । ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସ୍ୱେଟର, ଜ୍ୟାକେଟ୍, ସାଲ୍, କମ୍ବଳ, ଟୋପି, ମଫଲର୍ ଆଦି ସାଙ୍ଗରେ ନେଇ ଆସିଛନ୍ତି । ଯେଉଁଥିରେ କଶ୍ମିରୀ ସାଲ, ରାଜସ୍ଥାନୀ ସ୍ୱେଟର, ସେରିନୋ ଉଲ୍ ଜ୍ୟାକେଟ୍, ସ୍ରଗ୍ ଆଦି ଭେରାଇଟି ରହିଛି । ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ତେବେ ଏଥର ଶୀତ ଅଧିକ ପଡୁଥିବାରୁ ଶୀତବସ୍ତ୍ର ବ୍ୟବସାୟୀଙ୍କ ଭଲ ବେପାର ହେଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି । କେବଳ ସେତିକି ନୁହେଁ, ବଙ୍ଗ ଗଲାବେଳକୁ ସମସ୍ତ ଷ୍ଟକ୍ ଶେଷ ହୋଇଯିବ ବୋଲି ଆଶା ରଖିଛନ୍ତି ।



## ଯୁବପିଢ଼ିଙ୍କ ପସନ୍ଦ ଉଇଣ୍ଟର୍ ଇଅରମଫ୍

ଶୀତ ବସ୍ତ୍ରକୁ ଏବେ ଅଧିକ ଆକର୍ଷଣୀୟ କରିବା ପାଇଁ ବଜାରରେ ମିଳୁଛି ଭିନ୍ନ ଭିନ୍ନ ଡିଜାଇନର ସ୍ୱେଟର୍ ଓ ମଫଲର୍ । ସେଥିମଧ୍ୟରୁ ଅନ୍ୟତମ ହେଉଛି ଉଇଣ୍ଟର୍ ଇଅରମଫ୍ । ଏହା ଦେଖିବାକୁ ଯେତିକି ଆକର୍ଷଣୀୟ ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟକ । ଦେଖିବାକୁ ଏହା ହେଡ୍ ଫୋନ ଭଳି । କାନକୁ ଥଣ୍ଡା ପବନ ଦାଉରୁ ରକ୍ଷା କରିବା ପାଇଁ ଏହାକୁ ପିନ୍ଧାଯାଏ । ହେଲେ ଏଥିରେ ଭିନ୍ନତା ହେଉଛି ଠେକୁଆ କାନ ପରି ଦିଶୁଥିବା ଇଅରମଫ୍ ପାଖରେ ଏକ ଫିତା ଓହଳି ଥାଏ, ଯାହାକୁ ହାତରେ ଚିପିଲେ କାନ ଦୁଇଟି ଠିଆ ହୋଇଯାଇଥାଏ । ଏହା ମାର୍କେଟରୁ ମଲ୍ ସବୁଠି ବିକ୍ରି ହେଉଛି । ଯାହାର ମୂଲ୍ୟ ୨୫୦ରୁ ୫ ଶହ ପର୍ଯ୍ୟନ୍ତ ରହିଛି । ଯୁବପିଢ଼ିଙ୍କ ମଧ୍ୟରେ ଏହାର କ୍ରେଜ୍ ଅଧିକ ରହିଛି । ଅବଶ୍ୟ ଏହାକୁ ଛୋଟପିଲାମାନେ ବି ଖୁବ୍ ପସନ୍ଦ କରୁଛନ୍ତି ।

# ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ



ପ୍ରଫେସର ଡା. ଚିରରଞ୍ଜନ ଖାଡ଼ଙ୍ଗା

ଶୀତ ଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ । ଥଣ୍ଡା ଜଳବାୟୁ, କୁହୁଡ଼ି ଓ କାକର ଯୋଗୁଁ ମଣିଷ ଶରୀର ଭିତରେ କିଛି ପରିବର୍ତ୍ତନ ହୋଇଥାଏ । ଯାହାକି ବାହାରକୁ ସହଜରେ ଜଣା ପଡ଼ିନଥାଏ । ଚିନ୍ତାର ବିଷୟ, ଶରୀରର ପରିବର୍ତ୍ତନ ଦ୍ୱାରା ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଏହି ସମୟରେ କେଉଁ କେଉଁ ରୋଗ ସୃଷ୍ଟି ହୁଏ ଓ ଏହାର ଚିକିତ୍ସା ପଦ୍ଧତି କ'ଣ ରହିଛି ତାହାକୁ ନେଇ ଏହି ସ୍ୱତନ୍ତ୍ର ଆଲେଖ୍ୟ ।



## ମସ୍ତିଷ୍କାଘାତ ଓ ହୃଦ୍‌ଘାତ ଆଶଙ୍କା

NCDIR ( National center for disease informatics and research), Indiaର ଅନୁଧ୍ୟାନ ଅନୁସାରେ, ଭାରତରେ ଶୀତ ଦିନରେ 'ମସ୍ତିଷ୍କା ଘାତ'ର ଆଶଙ୍କା ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ପାଇଥାଏ । ଶୀତ ଯୋଗୁଁ ଶାରୀରିକ ପରିଶ୍ରମ କମ୍ ହୁଏ, ଯାହା ଦ୍‌ୱାରା ପୂର୍ବରୁ ଥିବା ଉଚ୍ଚ ରକ୍ତଚାପ ଅଧିକ ବଢ଼ିଯାଏ, ମଧୁମେହ ରୋଗୀଙ୍କର ରକ୍ତ ଶର୍କରା ବୃଦ୍ଧି ପାଇଥାଏ, ରକ୍ତରେ ଚର୍ବି (କୋଲେଷ୍ଟ୍ରଲ) ବୃଦ୍ଧି ପାଇବା ଦ୍‌ୱାରା ମସ୍ତିଷ୍କାଘାତର ସମ୍ଭାବନା ବୃଦ୍ଧି ପାଇଥାଏ । ସେହିପରି ଶୀତ ଋତୁରେ ବାହ୍ୟ ତାପମାତ୍ରା ବୃଦ୍ଧି ଯୋଗୁଁ ଶରୀରର ତାପ କ୍ଷୟ ରୋକିବା ପାଇଁ ଶରୀରରେ ଥିବା ରକ୍ତ ବାହୀ ନଳୀ ସଙ୍କୁଚିତ ହୋଇଥାଏ । ଯାହାଦ୍‌ୱାରା ମସ୍ତିଷ୍କ ମଧ୍ୟକୁ ଉପଯୁକ୍ତ ପରିମାଣର ରକ୍ତ ପ୍ରବାହ ହୋଇ ପାରି ନ ଥାଏ । ବେଳେ ବେଳେ ରକ୍ତବାହୀ ନଳୀ ସଙ୍କୁଚିତ ହେବା ଦ୍ୱାରା ରକ୍ତ ନଳୀ ମଧ୍ୟରେ ରକ୍ତ ଜମାଟ ବାନ୍ଧି ଥାଏ । ଏହି ଦୁଇ ମୁଖ୍ୟ କାରଣ ଦ୍‌ୱାରା ମସ୍ତିଷ୍କାଘାତର ସମ୍ଭାବନା ବୃଦ୍ଧି ପାଏ । ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ତାପମାତ୍ରା ଯଦି ୧୩ ଡିଗ୍ରୀରୁ କମ୍ ହୁଏ, ତେବେ ମସ୍ତିଷ୍କାଘାତର ଆଶଙ୍କା ବୃଦ୍ଧି ପାଇଥାଏ । କେବଳ ସେତିକି ନୁହେଁ, ଶୀତଋତୁରେ ରକ୍ତଚାପ ବଢ଼ିଲେ ହୃଦୟ ଉପରେ ଚାପ ପଡ଼ିଥାଏ । ଉଚ୍ଚ ରକ୍ତଚାପରେ ପୀଡ଼ିତ, ହୃଦ୍‌ରୋଗ ତଥା ମଧୁମେହ ରୋଗୀଙ୍କ ରକ୍ତଚାପ ବଢ଼ିବାର ଆଶଙ୍କା ଥିବାରୁ ଥଣ୍ଡା ସମୟରେ ହୃଦ୍‌ଘାତ ମାମଲା ବଢ଼ି ଯାଇଥାଏ । ତେଣୁ ନିୟମିତ ରକ୍ତଚାପସ୍ତରକୁ ପରୀକ୍ଷା କରାଇବା ଏବଂ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି । ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା, ରକ୍ତ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରଖନ୍ତୁ । ମଦ୍ୟପାନ, ତମାଖୁ ସେବନ କରିବା ଅନୁଚିତ । ଫ୍ଲୁ ପ୍ରତିଷେଧକ ଟିକା ଦେବା ଆବଶ୍ୟକ ।





## ଅସ୍ଥି ଓ ଖଞ୍ଜା ଦରଜ

ଅତ୍ୟଧିକ ଥଣ୍ଡା ଯୋଗୁଁ ଅସ୍ଥି ଓ ଖଞ୍ଜାକୁ ରକ୍ତ ପ୍ରବାହ କମି ଯାଇଥାଏ । ଏହାଦ୍ୱାରା ଚଲାବୁଲା କରିବାରେ କଷ୍ଟ ଅନୁଭବ ହୁଏ । ଅସ୍ଥି ଓ ଖଞ୍ଜା ଚତୁଃପାର୍ଶ୍ୱରେ ଥିବା ମାଂସପେଶୀରେ ନମନୀୟତା ହ୍ରାସ ପାଇ ଟାଣ ହୋଇଯାଏ । ଏହା ଦ୍ୱାରା ଆଣ୍ଠୁ ଦରଜ ହୋଇଥାଏ । ଚଲାବୁଲାରେ ସମସ୍ୟା ହୁଏ । ସେହିପରି ଏହି ଦିନେ ଶରୀରରେ ଜଳୀୟ ଅଂଶ କମି ଯିବାରୁ ଅସ୍ଥି ଖଞ୍ଜା ମଧ୍ୟରେ ଥିବା ତରଳ ପଦାର୍ଥ ଶୁଷ୍କ ହୋଇ କଷ୍ଟ ଅନୁଭବ ହୁଏ । କେବଳ ସେତିକି ନୁହେଁ, ଶୀତଦିନରେ ମନୁଷ୍ୟ ଶରୀରକୁ ପର୍ଯ୍ୟାପ୍ତ ମାତ୍ରାର ସୂର୍ଯ୍ୟକିରଣ ମିଳିପାରେ ନାହିଁ । ଶରୀରର ଭିଟାମିନ D୩ କମ୍ ହେଇଯାଏ । ଏହାଦ୍ୱାରା ଅସ୍ଥି ଦୁର୍ବଳ (osteoporosis) ହାଡ଼ପୋରିଆ ରୋଗ ହେଇଥାଏ । ଭବିଷ୍ୟତରେ ହାଡ଼ ଭାଙ୍ଗିଯିବାର ଭୟ ସୃଷ୍ଟି ହୁଏ । ତେଣୁ ଗରମ ପୋଷାକ ପିନ୍ଧିବା ସହ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇପାରିବେ ।



## ଚା' କଫି ପିଇବାରୁ ସ୍ୱାସ୍ଥ୍ୟ ସମସ୍ୟା

ଶୀତଋତୁରେ ଥକ୍କାପଣ, ଅଳସୁଆ, ସମସ୍ୟା ଅଧିକ ଦେଖାଦିଏ । ଆରାମ ପାଇବାକୁ ଲୋକେ ବାରମ୍ବାର ଅତ୍ୟଧିକ ମାତ୍ରାର ଚା', କଫି, ସୁପ୍ ଆଦି ପିଇଥାନ୍ତି । ଏହାଦ୍ୱାରା ଗ୍ୟାସ୍, ପେଟ ଅଜୀର୍ଣ୍ଣ, ଝାଡ଼ାବାନ୍ତି ଆଦି ସମସ୍ୟା ହୁଏ । ତେଣୁ ବେଶୀମାତ୍ରାର କଫି, ଚା' ନ ପିଇ ଗରମ ପାଣି ପାଇପାରିବେ ।

## ସାଧାରଣ ଥଣ୍ଡା ଏବଂ ଫ୍ଲୁ

ଶୀତଦିନେ ଥଣ୍ଡା ପବନ ଶରୀର ପାଇଁ ହାନିକାରକ । ଥଣ୍ଡା ପବନ ଶରୀରରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବାଜିବା ଦ୍ୱାରା କୋଲ୍‌ଡ ଆଲର୍ଜି, କାନ, ନାକ, ଗଳା ଏବଂ ଛାତିରେ ଗଭୀର ଯନ୍ତ୍ରଣା ସୃଷ୍ଟି ହୁଏ । ଶ୍ୱାସକ୍ରିୟା ପ୍ରଣାଳୀ ପ୍ରଭାବିତ ହୋଇ ନାକରୁ ପାଣି ବାହାରିବା, ତଣ୍ଟି ଦରଜ, ବାରମ୍ବାର ଛିଙ୍କ ହେବା, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଯାଇଥାଏ । ଆଜ୍‌ମା, ନି ମୋ ନି ଆ ଆଦି ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖାଯାଏ । ତେଣୁ ଏହି ଦିନେ ଘରୁ ବାହାରିଲେ ଶୀତବସ୍ତ୍ର, ମାସ୍କ, ଏନ୍‌୯୫ ଆଦି ବ୍ୟବହାର କରିବା ଉଚିତ । ଛିଙ୍କିବା ସମୟରେ ନାକକୁ ଘୋଡ଼ାଇ ରଖିବା, ଘରେ ହ୍ୟୁମିଡିଫାୟାର ବ୍ୟବହାର କରିପାରିବେ । ଭୂତାଣୁ ସଂକ୍ରମଣରୁ ବର୍ତ୍ତିବାକୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବାର୍ଷିକ ଟିକା ନେବା ଜରୁରି ।



## ପ୍ରୋଷ୍ଟେଟ୍ ସମସ୍ୟା

ପ୍ରୋଷ୍ଟେଟ୍ ଏକ ସାଧାରଣ ଗ୍ରନ୍ଥୀ । ଏହା ପୁରୁଷଙ୍କଠାରେ ଥିବାବେଳେ ବୟସ ବଢ଼ିବା ସହ ଏହା ବଢ଼ିଥାଏ । ହେଲେ ଶୀତ ଋତୁରେ ଥଣ୍ଡା ପାଗ ଯୋଗୁଁ ଏହା ଚିନ୍ତାର କାରଣ ସାଜେ । ପ୍ରୋଷ୍ଟେଟ୍ ବଢ଼ିଲେ, ବାରମ୍ବାର ପରିସ୍ରା ଲାଗିବା, ପରିସ୍ରା ଜଳାପୋଡ଼ା ଆଦି ଲକ୍ଷଣ ଦେଖାଯାଏ । ତେଣୁ ରୋଗୀଙ୍କୁ ଶାରୀରିକ ଯାଞ୍ଚ, ମୂତ୍ର ପରୀକ୍ଷା, ଅଲଟ୍ରାସାଉଣ୍ଡ କରିବାର ଆବଶ୍ୟକତା ଥାଏ । ଶୀତଦିନେ ପୁରୁଷଙ୍କୁ ହାଇଡ୍ରେଟ୍ ରହିବା ଜରୁରି ।

## ଆଖି ଧରା

ଋତୁ ପରିବର୍ତ୍ତନ କାରଣରୁ ଚକ୍ଷୁ ଶୁଷ୍କ ହୋଇଥାଏ । ଆଖି କୁଣ୍ଡାଇ ହେବା, ଲାଲ୍ ହେବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଦେଖିବାକୁ ମିଳେ । ଶୀତ ଋତୁରେ ଆଖିଧରା ସମସ୍ୟା, ଆଲର୍ଜି କିମ୍ବା ଆଖି ଶୁଷ୍କ ଅଧିକ ଦେଖିବାକୁ ମିଳେ । ତେଣୁ ଆଖିକୁ ବାରମ୍ବାର ହାତ ଲଗାନ୍ତୁ ନାହିଁ । ଶୁଖିଲା ରୁମାଲ କିମ୍ବା ଟିସୁ ଉପଯୋଗ କରିବା ଆବଶ୍ୟକ । ହାତ ମଇଳା ହୋଇଥିଲେ ଆଖିକୁ ବାରମ୍ବାର ଛୁଇଁବା, ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ରହିବା ଦ୍ୱାରା ସଂକ୍ରମଣ ଅଧିକ ବଢ଼ିଯାଏ ।

## ଚର୍ମଜନିତ ସମସ୍ୟା


ଶୀତଦିନେ ଥଣ୍ଡା ବାୟୁ ଶରୀରରେ ବାଜିଲେ ଚର୍ମ ଶୁଷ୍କ ହୋଇ କୁଣ୍ଡାଇ ହୁଏ । ଅଧିକାଂଶ ଗାଧୋଇ ନଥାନ୍ତି । ପରିଷ୍କାର ପରିଚ୍ଛନ୍ନତାକୁ ଧ୍ୟାନ ଦିଅନ୍ତିନି । ଫଳରେ ଚର୍ମଜନିତ ସମସ୍ୟା, ଆଲର୍ଜି, ଯାଦୁ ଏକଜିମା, କୁଣ୍ଡିଆ, କାଛୁ ଆଦି ହୋଇଥାଏ । ହାତ, ମୁହଁ, ପାଦ ଆଦି ଫାଟିଥାଏ । ତେଣୁ ଏହି ଗାଧୋଇବା ସହ ସଫା ବସ୍ତ୍ର ପିନ୍ଧିବା ଜରୁରି ।

## ଜୀବନ ଶୈଳୀରେ ପରିବର୍ତ୍ତନ




ଶୀତଦିନେ ଫିଟ୍ ଓ ନୀରୋଗ ରହିବାକୁ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ନିହାତି ଜରୁରି । ନିୟମିତ ବ୍ୟାୟାମ, କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ, ଦିନକୁ ତିନି ଲିଟର ପାଣି ପିଇବା ଜରୁରି । ପ୍ରତିଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ସି, ଡି, ଓମେଗା ୩ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ଥଣ୍ଡାରୁ ରକ୍ଷା ପାଇବା ପାଇଁ ଘରେ ରୁମ୍ ହିଟର ବ୍ୟବହାର କରିପାରିବେ । ■

ସିନିୟର କନ୍‌ସଲଟାଣ୍ଟ, ରାଡିଏସନ୍ ଅଙ୍କୋଲୋଜି
ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱର



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଛୋଟିଆ ହସ, ବଡ଼ ଇଙ୍ଗିତ

ଗୋଟିଏ ଫଟୋ ହଜାରେ ଶବ୍ଦର କଥା କହିଥାଏ, ଗୋଟିଏ ଛୋଟ ଭିଡ଼ିଓ ଲକ୍ଷଲକ୍ଷ ଶବ୍ଦକୁ କେଇ ସେକେଣ୍ଡ ମଧ୍ୟର ପ୍ରକାଶ କରି ଦେଇଥାଏ । ଠିକ ସେମିତି କେଇଦିନ ତଳେ ସୋସିଆଲ ମିଡ଼ିଆରେ ଗୋଟିଏ ଛୋଟ ଭିଡିଓ ରାଜ୍ୟରେ ଶାସକ ପଦ୍ମ ଶିବିରରେ ସୃଷ୍ଟି କରିଛି କମ୍ପନ । ଦଳର ବରିଷ୍ଠ ନେତାଙ୍କଠାରୁ ପ୍ରଭାବଶାଳୀ କାର୍ଯ୍ୟକର୍ତ୍ତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ସଂକ୍ଷିପ୍ତ ଭିଡିଓକୁ ବାରମ୍ବାର ଦେଖୁଛନ୍ତି । ଏହାର ବିଶ୍ଳେଷଣ କରିବାକୁ ଚେଷ୍ଟା କରୁଛନ୍ତି । ଭିଡ଼ିଓରେ ପଦ୍ମ ଦଳର ଚାଣକ୍ୟ ତଥା ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହା ଓ ଏକଦା ରାଜ୍ୟ ବିଜେପିର ପୋଷ୍ଟର ବୟ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶାରୀରିକ ଭାଷା ଦେଉଥିବା ଇଙ୍ଗିତକୁ ପରଖିବାରେ ଲାଗିଛନ୍ତି । ପଦ୍ମ ଦଳର ଜାତୀୟ କାର୍ଯ୍ୟକାରୀ ସଭାପତି ରୂପେ ନୀତିନ ନବୀନଙ୍କ ନିଯୁକ୍ତି ପରବର୍ତ୍ତୀ ସମୟର ଏହି ଭିଡିଓରେ କିଛି ଆଳାପ ଶୁଭୁନାହିଁ । କିନ୍ତୁ ଦଳର ଜାତୀୟ ସଭାପତି ଜେପି ନଡ୍ଡାଙ୍କ ସହ ଅନେକ ବରିଷ୍ଠ ନେତା ନିରବରେ ଦଣ୍ଡାୟମାନ ହୋଇଥିବାବେଳେ ଧର୍ମେନ୍ଦ୍ରଙ୍କ ସହ ଶାହାଙ୍କ ମଧୁରାଳାପ ଓ ହାସ୍ୟ ବିନିମୟ ଓଡ଼ିଶାର ଅନେକ ପଦ୍ମ ଦଳିଆ ନେତାଙ୍କଗାତ୍ରଦାହର କାରଣ ହୋଇଛି । ଧର୍ମେନ୍ଦ୍ରଙ୍କ ପ୍ରାଧାନ୍ୟକୁ ସ୍ୱୀକାର କରୁ ନ ଥିବା କତିପୟ ନେତାଙ୍କ ପାଇଁ ତ ଏହା କୁଆଡ଼େ ବେଶୀ କଷ୍ଟଦାୟକ ମନେ ହେଉଛି । ଦିଲ୍ଲୀରେ ଚାଲିଥିବା ଚର୍ଚ୍ଚାନୁସାରେ ବିହାରରେ ଏନ୍‌ଡ଼ିଏ ସଫଳତା ପଛରେ ମୋଦୀ ପ୍ରଭାବ ନିଶ୍ଚିତ ସ୍ୱୀକାର୍ଯ୍ୟ; ମାତ୍ର ଶାହା ପ୍ରସ୍ତୁତ କରିଥିବା କ୍ଷେତ୍ରୀୟ ରଣନୀତିର ନକ୍ସାକୁ କାର୍ଯ୍ୟକାରୀ କରିଥିଲେ ଧର୍ମେନ୍ଦ୍ର ଓ ରଣକ୍ଷେତ୍ରରେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଥିଲେ ନୀତିନ ନବୀନ । ଏବେ ପଦ୍ମ ଦଳର ଶୀର୍ଷ ନେତୃତ୍ୱ ନୀତିନ ନବୀନଙ୍କୁ ଦଳର ଜାତୀୟ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ପ୍ରଦାନ କେଉଁ ଇଙ୍ଗିତ ଦେଇଛନ୍ତି, ତାହା କ'ଣ ଆଉ ଅବୋଧ ଅଛି ? ■



## ଅପାଙ୍କ ଓଡ଼ିଆ ଅସ୍ମିତା

ନିମାପଡ଼ା ଅପା ଓରଫ୍ ଆମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମ୍ୟାଡ଼ାମ୍ ହେଉଛନ୍ତି ରାଇଜର ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମୁଖିଆ । ତାଙ୍କ ବିଭାଗ ପକ୍ଷରୁ ଦିଆଯାଉଥିବା ବିଜ୍ଞାପନଗୁଡ଼ିକରେ ମ୍ୟାଡ଼ାମ୍‌ଙ୍କ ଫଟୋ ସିନା ଅନେକ ସମୟରେ ଦିଶେ ନାହିଁ, ତଥାପି ଛେଳି ବିକ୍ରି ଜନିତ ଲାଭରେ ରାଜ୍ୟର ମହିଳାମାନେ ବର୍ଷକରେ ଲକ୍ଷପତି ହୋଇ କୋଟିପତି ହେବା ଦିଗରେ ଅଗ୍ରସର ହେଉଥିବାର ଅକଳ୍ପନୀୟ ସଫଳତାର ଶ୍ରେୟ ଯେ ପ୍ରଭାତୀ ମ୍ୟାଡ଼ାମଙ୍କର ଏଥିରେ କାହାରି ସନ୍ଦେହ ନାହିଁ । ତେବେ ରାଜ୍ୟର ମହିଳାଙ୍କୁ ସଶକ୍ତ କରିବାର ବ୍ୟସ୍ତତା ଭିତରେ ଓଡ଼ିଆ ଅସ୍ମିତା ଯେ ଧୂଳିବାଲିରେ ଲୋଟିଲାଣି, ସେ କଥା ଦେଖିବାକୁ ମ୍ୟାଡ଼ାମଙ୍କ ପାଖରେ ସମୟ କାହିଁ? ନିକଟରେ ରାଜଧାନୀ ଉପକଣ୍ଠରେ ନୁଆଁଣିଆ ସଞ୍ଜବେଳେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଧଉଳିରେ ଜଣେ ଛାତ୍ରୀଙ୍କ ଗଣ ବଳାତ୍କାର ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କଲା । ଯାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଲେ, ବିରୋଧୀଦଳ ନେତା ତଥା ଶଙ୍ଖପତି ନବୀନ ଯାକୁ ନେଇ ସୋସିଆଲ ମିଡ଼ିଆରେ କ୍ଷୋଭ ପ୍ରକାଶ ସହ ସରକାରଙ୍କୁ କଟାକ୍ଷ କଲେ । ଶଙ୍ଖପତିଙ୍କ ଟ୍ୱିଟ୍‌ର ଜବାବ ଦେବାକୁ ଯାଇ ପ୍ରଭାତୀ ମ୍ୟାଡ଼ାମ 'ଏକ୍ସ'ରେ ଯେଉଁ ଟ୍ୱିଟ୍‌ଟି କଲେ, ତାହା ହିଁ ତାଙ୍କୁ ଭାରି ସମାଲୋଚିତ କରିଛି । ଅସଂଖ୍ୟ ତ୍ରୁଟି ଥିବା କେଇ ଧାଡ଼ିର ମ୍ୟାଡ଼ାମ୍‌ଙ୍କ ଟ୍ୱିଟ୍ ସାମାଜିକ ଗଣମାଧ୍ୟମରେ କେଇ ଘଣ୍ଟା ଭିତରେ ପୁରା ଭାଇରାଲ ହୋଇଛି । ପୂର୍ବରୁ ରାଜ୍ୟରେ 'ଲଭର୍ସ ପଏଣ୍ଟ'ରେ ସୁରକ୍ଷା କର୍ମୀ ନିଯୁକ୍ତି କରାଯିବ ବୋଲି ମ୍ୟାଡ଼ାମ୍ ଦେଇଥିବା ଗୋଟେ ଟିପ୍ପଣୀକୁ ବି ଲୋକମାନେ ଏହା ସହ ଯୋଡ଼ି ଟ୍ରୋଲ କରିବାରେ ଲାଗିଛନ୍ତି । ଆରେ ବାବୁ, କିଳା ତ ସଳଖ ହାଇୱେରେ ଯାଉଥିଲା; ତାକୁ ସୁସୁରି ମାରି ଡ଼ାକିଲ, ଏବେ ଓଡ଼ିଆ ଅସ୍ମିତାକୁ ସମ୍ଭାଳ... । ■



## ଭାଇ ତୁମେ ମିଛ କହୁଛ

ଏକ ସମୟରେ ଜଗତସିଂହପୁର ଗୁଣ୍ଡାବାବୁଙ୍କ ପାର୍ବତୀ ଗଣନାଟ୍ୟର ଥିଲା ରାଜ୍ୟର ଅନ୍ୟତମ ବଡ଼ ଯାତ୍ରା ପାର୍ଟି । ପାର୍ବତୀ ଗଣନାଟ୍ୟର ଯାତ୍ରାଗୁଡ଼ିକ ମଧ୍ୟରୁ ଗୋଟାଏ ନାଟକ ' ଜେଜେ ତୁମେ ମିଛ କହୁଛ' ସେତେବେଳେ ଭାରି ପ୍ରସିଦ୍ଧ ଥିଲା । ବିଭିନ୍ନ ସ୍ଥାନରେ ଏହି ନାଟକ ଡ଼ବଲ ଶୋ' କରୁଥିଲା ଓ କେତେକ ସ୍ଥାନରେ ଲଗାତାର ଦୁଇ ତିନିଦିନ ଧରି ଏହି ନାଟକ ଚାଲୁଥିଲା । ପରେ ଇଷ୍ଟର୍ଣ୍ଣ ଅପେରା ଜେଜେ ତୁମେ ମିଛ କହିଲ ବୋଲି ଗୋଟାଏ ନାଟକ ବି କରିଥିଲା । ମାତ୍ର ଏବେ ପୁରୀ ରାଜନୀତି ମଞ୍ଚରେ ଅଭିନୀତ ହେଉଛି ଆଉ ଗୋଟାଏ ନାଟକ 'ଭାଇ..., ତୁମେ ମିଛ କହୁଛ' । ନାଟକରେ ଏହି ଭାଇ ଶବ୍ଦଟି ପଦ୍ମ ଦଳିଆ ପୁରୀ ସାଂସଦ ସମ୍ବିତ୍ ପାତ୍ରଙ୍କ ଉଦ୍ଦେଶ୍ୟରେ କୁହାଯାଇଛି । ପୁରୀ ପ୍ରବେଶ ପଥରେ ଏବେ 'ସମ୍ବିତ୍ ଭାଇ, ତୁମେ ମିଛ କହୁଛ' ଲେଖାଥିବା ମାଳମାଳ ପୋଷ୍ଟର ଲାଗିଥିବା ଦେଖାଯାଇଛି । ସମ୍ବିତବାବୁଙ୍କ ପରି ଜ୍ଞାନୀଗୁଣୀ, ଭୀଷଣ ତର୍କୀ ଓ ପ୍ରଚଣ୍ଡ ସଂସ୍କୃତଜ୍ଞ ଯେ ମିଛ କହୁଥିବେ, ଆମେ ବିଶ୍ୱାସ କରିପାରୁ ନାହୁଁ । ମାତ୍ର ପୁରୀବାସୀ ଆଣିଥିବା ଏଡେବଡ଼ ଅଭିଯୋଗକୁ ବି ଅବିଶ୍ୱାସ କରିବୁ ବି କିପରି ? ପୂର୍ବରୁ ନୟାଗଡ଼ ଅଞ୍ଚଳର ଲୋକମାନେ ସମ୍ବିତବାବୁ ମିଛ କହିଥିବା ଓ ପ୍ରତିଶ୍ରୁତି ପୂରଣ କରି ନ ଥିବା ଅଭିଯୋଗ ଆଣିଥିଲେ । ନିର୍ବାଚନ ପ୍ରଚାର ବେଳେ ନୟାଗଡ଼ର ଏକ ରାମମନ୍ଦିର ସାମ୍ନାରେ ସିଏ କୁଆଡ଼େ ରାଜ୍ୟରେ ପଦ୍ମ ସରକାର ଆସିଲେ ୧୦୦ ଦିନ ଭିତରେ ନୟାଗଡ଼ ଚିନିକଳ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପୁରୀବାସୀଙ୍କୁ ସମ୍ବିତବାବୁ କେଉଁ ମିଛ କହିଛନ୍ତି, ସେ କଥା ଆମକୁ ଜଣାନାହିଁ । ଏ କଥା ସମ୍ବିତବାବୁ ତ କହିବେ ନାହିଁ, ପୋଷ୍ଟର ମାରିଥିବା ଲୋକମାନେ ଏହାକୁ ଟିକେ ଉଜାଗର କଲେ ହୁଅନ୍ତା ନାହିଁ? ■



## କଟା ଘା'ରେ ଚୂନ ଲେପ

କେଇଟା ମାସ ତଳର କଥା । ପଶ୍ଚିମବଙ୍ଗରେ ଜଣେ ଡ଼ାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହେଲେ । ଘଟଣାଟି ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ଥିଲା । ପୀଡ଼ିତା ଓଡ଼ିଆ ଝିଅ ହୋଇଥିବାରୁ ଓଡ଼ିଶାରେ ବି ଏହାକୁ ନେଇ ପ୍ରବଳ କ୍ଷୋଭ ସୃଷ୍ଟି ହୋଇଥିଲା । ସେତେବେଳେ ଏକ ଜାତୀୟ ଖବର ଏଜେନ୍ସିକୁ ଆମ ରାଜ୍ୟର ମହିଳା କମିଶନ ସଦସ୍ୟା ଉର୍ମିଳା ମ୍ୟାଡ଼ାମ ଦେଇଥିବା ପ୍ରତିକ୍ରିୟାକୁ ଲୋକମାନେ ଭାରି ପ୍ରଶଂସା କରିଥିଲେ । ମାତ୍ର କେଇମାସ ପରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଧଉଳିଠାରେ ଅନୁରୂପ ଏକ ନିନ୍ଦନୀୟ ଘଟଣାରେ ମ୍ୟାଡ଼ାମ୍ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା କିନ୍ତୁ ଓଡ଼ିଶାର ସାଧାରଣ ଲୋକମାନେ ଗ୍ରହଣ କରିପାରୁ ନାହାନ୍ତି । ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଧଉଳି ନିକଟରେ ଘଟିଥିବା ବର୍ବର ଘଟଣାର ଶିକାର ପୀଡ଼ିତାଙ୍କୁ ଆଶ୍ୱାସନା ପରିବର୍ତ୍ତେ ମ୍ୟାଡ଼ାମ୍‌ଙ୍କ କଥା କଟା ଘା'ରେ ଚୂନ ଲେପିବା ପରି ହୋଇଛି । ଗଣଦୁଷ୍କର୍ମର ଶିକାର ହୋଇଥିବା ଜଣେ ପୀଡ଼ିତାଙ୍କୁ କିପରି ଆଶ୍ୱାସନା ଦିଆଯାଏ, ତାହା ଯଦି ମ୍ୟାଡ଼ାମ୍ ଜାଣି ପାରୁ ନାହାନ୍ତି; ତେବେ ସେ ତାଙ୍କର ପଦର ମର୍ଯ୍ୟାଦା କେତେ ରଖିପାରିଛନ୍ତି ତାହା ତାଙ୍କୁ ବୁଝାଇବା ଆବଶ୍ୟକ ନାହିଁ । ସଞ୍ଜ ଗଡ଼ିବା ପରେ କାହିଁକି ସମ୍ପୃକ୍ତ ଛାତ୍ରୀଜଣକ ଏପରି ଅଞ୍ଚଳକୁ ଆସିବା ଠିକ୍ କି ନୁହେଁ, ସେ ସମ୍ପର୍କରେ ଟିପ୍ପଣୀ ଦେବା ପୂର୍ବରୁ ମ୍ୟାଡ଼ାମ୍ ଉର୍ମିଳା ପୀଡ଼ିତା ଏବେ କେଉଁପରି ଅବସ୍ଥା ରେ ଥିବ, ଗଣ ଦୁଷ୍କର୍ମର ଶିକାର ପରେ କେଉଁ ମାନସିକତା ମଧ୍ୟରେ ଗତି କରୁଥିବ ସେ ସମ୍ପର୍କରେ ଟିକେ ବି ଚିନ୍ତା କଲେ ନାହିଁ ? ମ୍ୟାଡ଼ାମ୍ ଏକଦା ପଦ୍ମ ଦଳର ମୁଖପାତ୍ର ଥିଲେ, ତାଙ୍କର ଦକ୍ଷତା ମାପି ରାଜ୍ୟ ସରକାର ତାଙ୍କୁ ମହିଳା କମିଶନ ସଦସ୍ୟା କରିଛନ୍ତି । ତେଣୁ କାହାପ୍ରତି କେଉଁଠି କେମିତି କଥା କହିବା ଦରକାର, ସେ କଥା କ'ଣ ତାଙ୍କୁ ଆଉ ଶିଖାଇବାକୁ ପଡ଼ିବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।